ଚିତା ଅଂକା

କାନୁର ଛବି

ପରିଧି ବାହାରେ

ଅପେକ୍ଷାରତ ପୃଥିବୀ

Digitized by PPRACHIN, SOA

ଚିତା ଅଂକା କାଂଥର ଛବି

ଓ

ପରିଧି ବାହାରେ

ଅପେକ୍ଷାରତ ପୃଥିବୀ

କମଳାକାଂତ ଲେଂକା

Digitized by PPRACHIN, SOA

ଚିତା ଅଂକା କାଂଥର ଛବି

ଓ

ବୃତ୍ତ ବାହାରେ ଅପେକ୍ଷାରତ
ପୃଥିବୀ

ଲେଖକ
କମଳାକାଂତ ଲେଂକା

ପ୍ରକାଶକ
ନବଲିପି ପ୍ରକାଶନୀ, ପୁରୀ - ୧

ଅଂଗସଜ୍ଜା
ନବଲିପି ପ୍ରେସ - ପୁରୀ

ପ୍ରକାଶକାଳ
୧୯୮୭ ମକର ସଂକ୍ରାଂତି

ମୁଦ୍ରଣ
ବ୍ରଜକିଶୋର ମହାଂତି
ଶ୍ରୀ ଜଗନ୍ନାଥ ପ୍ରେସ,
ନରସିଂହ ବଲ୍ଲଭ ପାଟଣା - ପୁରୀ

ମୂଲ୍ୟ - ୧୭ - ୦୦
(ସତର ଟଂକା ମାତ୍ର)

ପରିବେଷକ
ଜଗନ୍ନାଥ ରଥ - ବିନୋଦବିହାରୀ
କଟକ - ୨

The Picture of a Painted Wall and a world waiting out side the circle.

Author
K. K. Lenka

Publisher
Nabalipi Prakashani,
PURI 1

Cover
The Nabalipi Press
PURI I

Time of Publication
1987 Makara Sankranti

Printer
B K. Mohanty
Shree Jagannath Press
Narasingha Ballav Patana
P U R I.

Price
Rs. 17 - 00
(Rupees Seventeen only).

Distributor
Jagannath Rath
Binod Behari, Cuttack 2
(Orissa)

Digitized by PPRACHIN, SOA

ସୃଷ୍ଟିର
ସବୁ ପ୍ରେମମୟୀ,
ମହୀୟସୀମାନଂକ
ହାତରେ —

Digitized by PPRACHIN, SOA

ସାଧୁବାଦ

ସଂପାଦକ ସମାବେଶ, ସମାସ,
ଅମୃତାୟନ, ଏକା ଏକା, ନବଲିପି,
ଅନୁଶୀଳନ, ଆସଂତାକାଲି ଓ
ଅନ୍ୱେଷା ପ୍ରଭୃତିକୁଙ୍କ ମାନଂକୁ

Digitized by PPRACHIN, SOA

ମୋ ତରଫରୁ କେଇ ଧାଡ଼ି

କାବ୍ୟ କବିତାରେ ଏ ଯାବତ୍ ଗୋଟାଏ ଗତିରେ ପଡ଼ିଥିବା ରାଧାକୃଷ୍ଣ ପ୍ରେମର ବଳୟକୁ ମୂର୍ତ୍ତିଏ ଗଢ଼ିବାକୁ ଯାଇ ମଣିଷର (ନିଜର) ସ୍ୱାଭାବିକ ଭାବାବେଗ, ଇନ୍ଦ୍ରିୟାନୁଭବ ଓ ପ୍ରେମାନୁଭୂତିକୁ ମୁଁ ଏଇ ବହିଟିରେ ରୂପ ଦବାକୁ ସାମାନ୍ୟତମ ଯତ୍ନ କରିଛି । ସହୃଦୟତା ସହ ଆପଣ ପଢ଼ନ୍ତୁ ଓ ନିଜ ନିଜର ଅନୁଭୂତିକୁ ଏଥି ସହ ମୁକାବିଲା କରନ୍ତୁ । ଭଲ ଲାଗିଲେ ପୃଷ୍ଠାସବୁକୁ ଚିରି ଚୁଲ୍ଲୀ ଧରାନ୍ତୁ — ବିଷର୍ଣ୍ଣତା, ବିରକ୍ତି, ଅନ୍ୟମନସ୍କତା ବା ଏମିତି ଆଉ କିଛି ଅନାବଶ୍ୟକ ଶବ୍ଦ ପୁଣି ଆପଣଙ୍କୁ ଦୋଷାରୋପ କଲେ ଦେହ, ମନ ଓ ହୃଦୟକୁ ଯଥେଚ୍ଛା ବନ୍ଧେ ବାନ୍ଧନ୍ତୁ ବା କଲେ ବଲେ କଉଶଳେ ଆପଣ ଖସି ଯାଇ ହଜି ଯାଆନ୍ତୁ ଗତାନୁଗତିକତାର ଗହଳରେ ! କଥା ନାହିଁ । ଆପତ୍ତି ନାହିଁ । ହେଲେ, ମୋର ଦୃଢ଼ ବିଶ୍ୱାସ — ଆପଣ ନିଜକୁ କେବେ ଫାଙ୍କି ପାରିବେ ନାହିଁ । ଏଥିରେ ଗୁନ୍ଥା ଥିବା କେତୋଟି କବିତାରେ ନିଜକୁ ନିଶ୍ଚିତ ଝୁଂଟିବେ ଓ କବିକୁ ହାଁ କରିବେ । ସାଧୁବାଦ ଦେଉନ୍ତୁ ! ବିନୀତ

କମଳାକାନ୍ତ ଲେଙ୍କା ୧୪।୧।୮୭ ପୁରୀ

Digitized by PPRACHIN, SOA

କବିର ଫସଲ

ସୁନା ଫସଲ (୧୯୫୮) କବିତା
ଗୀତ ଓ ପ୍ରତୀତ (୧୯୬୩)
ଉତ୍ତରଣ (୧୯୬୭)
ସ୍ମରଣ ବିସ୍ମରଣ (୧୯୭୩)
କବିତାର ମୁହଁ (୧୯୭୪)
ଅଂତତଃ ନିଷ୍ଟୁପ (୧୯୭୬)
ନିଜ ସହ ଗୋଟେ ସାକ୍ଷାତକାର (୧୯୭୮)
ନିତ୍ୟ ବିସ୍ମିତ (୧୯୭୮)
ସ୍ରୋତର ନାମ ଋତ (୧୯୭୮)
କମଳାକାଂତଂକ ଶ୍ରେଷ୍ଠ କବିତା (୧୯୭୯)
ଖସିବାର ବେଳ (୧୯୮୦)
What I Look Like (1981)
ଗୀତ ଟାଂ' ଗା ରେ ପକ୍ଷୀ (୧୯୮୨)
ଦୁଃଖ ସହ କଥାବାର୍ତ୍ତା (ପରବର୍ତ୍ତୀ ପ୍ରକାଶନ)
ଉନ୍ମୋଚନ କବିତା ଗ୍ରଂଥ
ଚିରସ୍ମୃତ
ନଇ କୂଳ ଥଳ ଅଥଳ
ନିଜ ପ୍ରତିମୂର୍ତ୍ତିକୁ ଦେଖି
ଉଚ୍ଚେ ଲଗେ ତାଳ
ମଂଚେ ଲଗେ ତାଳ
ତାଏଣ୍ଟି କବିତା
ବିଦାୟ ବିଦାୟ
ସତ୍ୟ ଦୃଷ୍ଟି ଓ କମଳାକାଂତଂକ
କେତୋଟି ଗଦ୍ୟ ରଚନା (ଗଦ୍ୟ)
କବିର ତାଏଣ୍ଟି

Digitized by PPRACHIN, SOA

ସର୍ବଶେଷ ସଂବୋଧନ
କବିତା, ତୁମେ ନାରୀ

'ଚିତା ଅଂକା' କାଂଥର ଛବି ପରିଧି ବାହାରେ ଅପେକ୍ଷାରତ ପୃଥିବୀ'— ଅନୁଭୂତିର ଦୁଇଟି ସ୍ତର ମଧ୍ୟରେ କବି ଶ୍ରୀ ଲେଂକାଂକ କାବ୍ୟିକ ସଂଘାତର ପ୍ରତିଫଳନ ବୋଲି ମୋର ମନେ ହୁଏ । ବହିଟିର ନାମ କରଣ ମଧ୍ୟ ମୋତେ ଏ ଭଳି ଚିଂତାଧାରା ପାଇଁ ଅନୁପ୍ରେରିତ କରିଚି । କବିତା ହୋଇଛି କବିଂକର 'ଆତ୍ମ ପ୍ରକାଶର ନିଷ୍କପଟ ଗୋପନୀୟତା,' 'ସର୍ବଶେଷ ସଂବୋଧନ'— 'କବିତା, ତମେ ନାରୀ ।'

ପ୍ରଚଳିତ ମୂଲ୍ୟବୋଧ ଏବଂ କବିର ସ୍ୱାଭାବିକ କାବ୍ୟିକ ପ୍ରତିକ୍ରିୟା ସାମଗ୍ରିକ ଭାବରେ ସଂକଳନଟିରେ ସମାଂତରାଳ ଭାବରେ ଗତି କରିଛଂତି ଏବଂ ସ୍ଥାନେ ସ୍ଥାନେ ପରସ୍ପରକୁ ଛୁଇଁ ଯିବାର ଭ୍ରମ ମଧ୍ୟ ସୃଷ୍ଟି ହୋଇଛି । ସଂକଳନଟିର କବିତା ଗୁଡିକରେ ନାରୀ-ପୁରୁଷ ସଂପର୍କହିଁ ମୁଖ୍ୟ ଚେତନା । ଠିକ୍ ପ୍ରେମ ନୁହଁ—କାରଣ ସାମଗ୍ରିକ ଭାବରେ କୌଣସି ଆଧୁନିକ କବିଂକର, ବିଶେଷତଃ ଏଭଳି ସଂକଳନ, ପ୍ରେମ କବିତା ସଂକଳନ ବୋଲି ଠିକ୍ ଭାବେ କହି ହେବ ନାହିଁ । କବିର ସୁବିସ୍ତୃତ ଚେତନା ସ୍ଥଳରେ ବିଭିନ୍ନ ମୁହୂର୍ତ୍ତର, ବିଭିନ୍ନ ଦୃଶ୍ୟର ଚିତ୍ର, ବିଭିନ୍ନ ଅନୁଭୂତି ଓ ସେଗୁଡ଼ିକର ପ୍ରତିକ୍ରିୟାର ମାନସିକ ଅବସ୍ଥାର ପ୍ରତିଫଳନ ଯେତେ ବେଶି ସୂକ୍ଷ୍ମ ଓ ସଠିକ—କବିତାର ଆବେଦନ ସେତିକି ମାତ୍ରାରେ ଗ୍ରାହ୍ୟ । ତେଣୁ କମଳାକାଂତ ଲେଂକାଂକ ଏଇ କବିତା ସଂକଳନଟି ନାରୀ-ପୁରୁଷ ସଂପର୍କ ଭିତ୍ତିରେ ପ୍ରେମ, ଯଂତ୍ରଣା, ଅଂତର୍ଦାହ, ଆସକ୍ତି, ସ୍ମୃତି, ଭୁଲ୍ ଭଟ୍କର ଜଟିଳ ମାନସିକତା ଓ ସାଂସାରିକତାର ସମ୍ମୋହନ ମିଶ୍ରିତ ଏକକ ସ୍ୱର । କେଉଁଠି ସେ ସ୍ୱର

Digitized by PPRACHIN, SOA

କରୁଣ ତ କେଉଁଠି ବେଶ୍ ରୁକ୍ଷ, ତୀକ୍ଷ୍ଣ ଓ ଅନୁଭବ୍ୟ; କେଉଁଠି ସେ ସ୍ୱର କାଂଟ୍ର ବାସ୍ତବତାର ପୃଷ୍ଠରେ ଜୀବଂତ, ବେଗଗାମୀ ତ କେଉଁଠି ସଂପୂର୍ଣ୍ଣ ଗାର୍ହସ୍ଥ୍ୟ — ଅଂଗୀକାରବୋଧର ଅକପଟ ଅଭିବ୍ୟକ୍ତ । ଠାଏଠାଏ ଠିକ୍ ନୁହେଁ, ବହୁଟିର ଅନେକାର୍ଥ କଥା କମ୍, ଭାବ ଅନେକ । ପ୍ରତିଟି ଶବ୍ଦ ସତେ ଯେମିତ ଲୁକ୍କାୟିତ-ବୋମା । ବିସ୍ଫୋରିତ ହେଲେ ଅବସ୍ଥା ସାଂଘାତିକ । ଯେମିତି

ସତରେ
କେତେ ସଅଳ
ତମେ ବୁଢ଼ୀ ହୋଇଗଲ ?
ଏ ପାଳି ସମୟଠାରୁ
କି ଭୟଂକର
ହ୍ନିମ୍ମନ୍ ମୁଁ ?
ଦେଖିଲ ॥

(ହ୍ନିମ୍ମନ୍)

ନାରୀ ପ୍ରାୟ ସବୁ ଯୁଗରେ, ସବୁ ଦେଶରେ କବିତାର ପ୍ରାଣ କେଂଦ୍ର ହୋଇ ଆସିଛି । କିଂତୁ ପରିବର୍ତ୍ତିତ ସାମାଜିକ ଏବଂ ପାରିପାର୍ଶ୍ୱିକ ପରିସ୍ଥିତି ଅନୁଯାରେ ଏଇ ନାରୀ ପୁରୁଷ ସଂପର୍କର ନୂତନ ପରିଭାଷା ସୃଷ୍ଟି ହେବାକୁ ବାଧ୍ୟ । ଆଧୁନିକ କବି ଯେଉଁ ଭଳି ଭାବେ ନାରୀ ବା ପ୍ରେମର ଚିତ୍ରଣ କରିବ, ତା' ଅନ୍ୟ ପୂର୍ବସୂରୀମାନଂକ ଚିତ୍ରଣଠାରୁ ଭିନ୍ନ ସ୍ୱାଦର ହେବା ସଂଗତ । ସଂକଳନଟିରେ ନାରୀର ବିଭିନ୍ନ ରୂପ, ରଂଗ ରସ ଓ ମହକର ପ୍ରତିଫଳନ ଅଧିକାଂଶ କବିତାରେ କବିଂକ ନିଜସ୍ୱ-ତାର ଭଙ୍ଗୀରେ ଚର୍ଚ୍ଚିତ । ଏକରସତାଂନାଇଁ ଏ କବିତା ଗୁଡ଼ିକରେ । ଅଛି କବିତ୍ୟ ନୂତନ ବହୁସ୍ୱର ପ୍ରତିଛବି । ନାରୀ ଏଠି କେବଳ ଶରୀର ସର୍ବସ୍ୱ ତତ୍ତ୍ୱ ନୁହେଁ ବା ସ୍ୱପ୍ନ ବିଳାସର ଇଂଦ୍ରଧନୁ ନୁହେଁ । ଏଠି ଅଛି ନାରୀର ବହୁମୁଖୀ ସତ୍ତାକୁ ବୁଝି ତୋଳି ଧରିବାର ପ୍ରୟାସ । ତା' ସ୍ୱପ୍ନ ହେଉ ବା ଦେହ, ଆତ୍ମା ହେଉ ବା ପରିକଳ୍ପନା, ପାପ ହେଉ ବା ପୁଣ୍ୟ;

Digitized by PPRACHIN, SOA

ସ୍ୱକାୟାର ମଧୁଗଂଧ ହେଉ ବା ଦୁର୍ଲଭ୍ୟାର କଥାଁ ଓ ହୁତାଶ । ଏଠି ଅଛି ଠିକ୍ ଭାବରେ ଆଘ୍ରାଣ କରିବାର, ଦେହ-ମନ ଓ ହୃଦୟରେ ସଂଗ୍ରହ କରିବାର ଦୁର୍ବାର ଅଭୀପ୍ସା – ସେ ହେଉ 'କାମିନୀର ବାସ୍ନା, ଯାହା ଆସେ ଦକ୍ଷିଣା ହାୱାରେ' ବା 'ମହୁଲ ଗଂଧରେ ଫାଟି ପଡୁଥିବା ଜଂଗଲର,' 'ଧୂପଦୀପ ଚଂଦନର ବାସ୍ନା' ବା ହେଉ ପାଚିଲା ଧାନ କେଂଡାର, ପାଚିଲା ଫଳର ।

ଅନୁଭୂତିର ବୈଚିତ୍ର୍ୟ ଏବଂ ତାର ଯଥାର୍ଥ ରୂପ ପ୍ରଦାନହିଁ ମୋ ମତରେ ଏଇ ସଂକଳନଟିରେ ଥିବା ଅଧିକାଂଶ କବିତାର ବୈଶିଷ୍ଟ୍ୟ । ଏଇ ବୈଚିତ୍ର୍ୟ ମଧ୍ୟରେ ଏକକ ସ୍ୱରଟିଏ ଖୁବ୍ ମଂଦ୍ର ଭାବରେ ଧ୍ୱଣିତହୁଏ ପ୍ରତିଟି ସର୍ଗମ୍‌ରେ ! ସିଂଫୋନୀ ମଧ୍ୟରେ ଏହା କେତେବେଳେ ଖୁବ୍ ସ୍ପଷ୍ଟ ତ କେତେବେଳେ ଅସ୍ପଷ୍ଟ-ମଧୁର । ପୁଣି କେତେବେଳେ ନ ଶୁଣି ଶୁଣିବାର ଭ୍ରମ ବି ସୃଷ୍ଟି କରିପାରେ ସେଇ ଅଶ୍ରୁତ ସ୍ୱର ।

ଏଇ ଏକକ ସ୍ୱରଟି କାବ୍ୟ ପୁରୁଷର । ବେଶ୍ ଆତ୍ମୀୟ ଓ ସୂକ୍ଷ୍ମ । ବେଶ୍ ଦ୍ୱଂଦ୍ୱ ଓ ସହୃଦୟତାରେ ସ୍ନିଗ୍ଧ । ସ୍ପଷ୍ଟ ଓ ନିଷ୍କପଟ । କେଉଁଠି ସେ ସ୍ୱର କହୁଛି – 'ଚେଷ୍ଟା କରୁଛି ବାରଂବାର/ଏଣିକି/ଆଉ ତେ ଛିବ ନାହିଁ,' କେଉଁଠି ପୁଣି ତା' କେବଳ 'ସଫେଦ / ଚେଂଗଶିଉଳିର ପ୍ରାର୍ଥନାର' ସ୍ୱର, କେଉଁଠି ପୁଣି ଜାତେକ ବୃଦ୍ଧାମଣ୍ଡୋର 'ଆ, କଥା ଦେଉଚି/ନାଲି ଆଖିରେ ଗୃହିବ ନାହିଁ × × × × ତୋ ସାଂସାରିକତାର/ଦୁର୍ଲଭ ଖେଳକୁ !' ଅଥବା ଅନ୍ୟତ୍ର ଆକୁଳତାରେ ମିସ୍ୱମ୍ୱାଣ – 'ମୋତେ ମୁକ୍ତ କର/ଯୁକ୍ତ କର/ଛିନ୍ନ କର' । ଅଭି-ଶାପର ଅଭିସଂପାତର, ଘୃଣା ବା କଟୁତାର ସ୍ୱର ନାହିଁ ଏଇ କବିତାମାନଙ୍କରେ । ବରଂ କ୍ଷମାରୁ ଊର୍ଦ୍ଧ୍ୱଗାମୀ ଆଲୋକରେ କବିସ୍ୱର ମହ-ମୋଦ୍ଭାସିତ – "ଯେବେ ଜାଣିଲି/ଶୁଣିଲି ପ୍ରଭାତେ ପରି/ପ୍ରତିଶୋଧର ନିଆଁରେ/ଜଳିଯାଉଚ/ପ୍ରେମର ଉଦ୍ବେଳରେ/ଅପବାଦର ପବନରେ/ବୁଝିଲି: ପ୍ରକୃତରେ ଭଲ ପାଇବାମାନେ ଖାମ୍ ଈର୍ଷା ହେଉଛିବା/ଭୁଲ୍ ଠିକ୍‌ର ସୁଆଡରେ/ପୁଣି ପାଖକୁ/ଲେଉଟି ଆସିବା, ଜଡେଇ ଧରିବା !"

Digitized by PPRACHIN, SOA

ଅସହାୟତା ଯେ ମଣିଷର ଅଲଂଘ୍ୟ ନିୟତି, ତା' କବି ବୁଝି-ଛଂତି । ପରିସ୍ଥିତି ଏବଂ ପ୍ରଚଳିତ ସମାଜ ବ୍ୟବସ୍ଥାକୁ ଆଦରି ନେଇଚ କବିର ସତ୍ତା । କିଂତୁ ସ୍ୱୀକାର କରି ନାହିଁ । ତେଣୁ ଏଇ କବିତା-ମାନଂକରେ ନୀରବ ବିଦ୍ରୋହର ଆବାଜ୍ ଖୁବ୍ ସ୍ପଷ୍ଟ -

ବାରଂବାର ଯିବା ମନା । ବାରଂବାର
ବାରଂବାର ଯିବାକୁହିଁ ମନା ।
"ଅଥଚ ମୁଁ ବାରଂବାର ଯାଏ, ଆସେ
ଆସେ ଏବଂ ଯାଏ ଯେମିତି କି
ମୋ ରକ୍ତକୁ ବାଣ୍ଟ କାଢ଼ି ନେଇଯାଏ
କିଏ ଜଣେ ଅସ୍ପଷ୍ଟ ଆଲୋକରେ ।
ମୁଁ ଅଥଚ ଜାଣେ ନାହିଁ
କେଉଁପରି ଯାଏ ଏବଂ ଫେରେ ଅଂଧାରରେ ।"

(ପୁନର୍ଗମନ)

ମୁକ୍ତି ବା ନିର୍ବାଣରେ କାମନା କବିଂକର ନାହିଁ । ଏଭଳି କାମନା କବିର ନୁହେଁ । ତା' କେବଳ ହୋଇପାରେ ତପସ୍ୱୀର । କବି ନା ଧର୍ମଯାଜକ, ନା ଶାସକ ନା ନ୍ୟାୟାଧୀଶ - କୌଣସି ଭୂମିକାରେ ଅବତୀର୍ଣ୍ଣ କରି ପାରେନି ନା । କବିର କାମନା କେବଳ ଜୀଇଁବା ଜୀଇଁବାର ସୁଖ ଓ ଜୀଇଁବାର ଦୁଃଖ । 'ମୂର୍ଦ୍ଧର ଟିପ ଚନ୍ଦ୍ରରେ ଆକାଶ ଟିଏ ବି ପ୍ରତିଫଳିତ ହୋଇପାରେ - ଅପବାଦର ନାହିଁ ତ ଯଣର ।

ଜୀବନ ଯେହେତୁ ସୀମିତ, କ୍ଷଣସ୍ଥାୟୀ ଓ କ୍ଷୁଦ୍ର କେବଳ ଶ୍ରେଷ୍ଠ ସ୍ୱପ୍ନଟିଏ ଏଠି କେବଳ ଦେଖିବା ଯଥାର୍ଥ ହବ -

Digitized by PPRACHIN, SOA

" ଓହଳ ପଡ଼ିଥିବା
ଫୁଲ ଭର୍ତ୍ତି ଡାଳ
ଯେଉଁଠି ପାଣିକୁ ଛୁଉଁଛି —
ଆସ, ବସାଟିଏ ବାଂଧିବା,
ଗୀତଟିଏ ବୋଲିବା
ସେଇଠି ॥"

ସେଥିପାଇଁ ବୋଧହୁଏ ଏଇ ବହିଟିର ଅନେକ କବିତା ମୁହୂର୍ତ୍ତ - ସର୍ବସ୍ୱ ଜୀବନର ଜୟଗାନରେ ମୁଖର ଓ ଗୀତଧର୍ମୀ । ନିରୁତା ଭାବୋଚ୍ଛ୍ୱାସର ଲାଳିତ୍ୟରେ ରସସିକ୍ତ କବିତାଗୁଡ଼ିକ — କବିତା, ଆତ୍ମଗୋପନ ନୂଆ ଗୀତ, ବିଜନମସ୍ତ, ବିଲୀନ ପ୍ରଭୃତି । 'କବିତା' ଶୀର୍ଷକ କ୍ଷୁଦ୍ର କବିତାଟି ବୋଧହୁଏ ସଂକଳନର ଅତି ଚମତ୍କାର କବିତାଗୁଡ଼ିକ ମଧ୍ୟରେ ଅନ୍ୟତମ ।

"ଜହ୍ନ ଫୁଲଟିଏ
ପରି ତୁମେ
ବହୁତ ଦୂରରୁ,
ଅସରାଏ ବର୍ଷା
ପରେ ଯେମିତି
ଆକାଶରେ ଜହ୍ନ,
କବିତାର ପୃଥିବୀ ।
ଝାଟିମାଟି ଗୃଳ ଉପରେ
ଭୂସ୍ୱର୍ଗ ।"

ଏ ସଂକଳନର କବିତା ଗୁଡ଼ିକରେ ଅଛି ବକ୍ତବ୍ୟର ସତେଜତା, ନୂତନ ଭଙ୍ଗିମା ଓ ସହଜ ଜଟିଳ ଅନୁଭବ, ଓ ଅନୁଭୂତିର କାବ୍ୟିକ ସମୀକରଣ । କବି କମଳାକାଂତଙ୍କ କାବ୍ୟିକ ଭାଷାର ଥିବା ଠେକ୍‌ଠୋକ୍‌ପଣ କବିତା ଗୁଡ଼ିକୁ ସୌଂଦର୍ଯ୍ୟ ଓ ଅବବୋଧର ସୂକ୍ଷ୍ମତା ଦେବାରେ ସାହାଯ୍ୟ କରିଛି । ଗୋଟେ ଉଦାହରଣ —

" ତୁମେ ଆସ ଯେମିତି
କାମିନୀଟି ଫୁଟେ । ତଥା
ଚହଟେ ।"

(ଉର୍ମିର ଫୁଲ)

Digitized by PPRACHIN, SOA

ଅନୁଭୂତର ସିଧାସଳଖ କାବ୍ୟିକ ପରିପ୍ରକାଶର ଏମିତି ଅନେକ ଉଦାହରଣ ଏଇ ସଂକଳନଟିରୁ ନିଆଯାଇ ପାରେ । ଅନେକତ୍ର ଚଳନ୍ତି ବ୍ୟବହାରରେ ମଧ୍ୟ ମୌଳିକତା କବିତାର ଆବେଦନକୁ ଉଦ୍ଭାସିତ କରିଛି । ଯଥା —

" ସବୁ କଥାରେ
ହସି ଦବାଟା
ତୋର ଅଭ୍ୟାସ ,
ଯେମିତି
ଟକମକ ଫୁଟୁଥିବା
ଘିଅ ହାଂଡି
ପେଜ ଗାଳି ଦେଲେ
ହସ ବଂଦ ॥"

(କାଳେଶୀ)

ଏଇ ସଂକଳନର କବିତାମାନଂକ ମଧ୍ୟରୁ ମୋଟେ 'ଅପ୍ରାସଂଗିକ', 'ନାସ୍ତି' 'ପ୍ରତିଲେଖ', 'କବିତା', 'ବିଜ୍ଞାପନ', 'ଉଚିତ-ଅନୁଚିତ', 'ଏଣିକି', 'ଅଭିଯୋଗ', 'କ୍ଷମାମୟୀ' ପ୍ରଭୃତି କେତୋଟି କବିତା ଖୁବ୍ ଭଲ ଲାଗିଛି । ବକ୍ତବ୍ୟର ନିଚ୍ଛକ ପ୍ରକାଶଭଂଗୀ କବି ଶ୍ରୀ ନେଂକାଂକ କବିତାର ଅନ୍ୟତମ ବିଶେଷତା । ସିଧାସିଧି ଭାବରେ ଏବଂ ନିଃସଂକୋଚରେ ବକ୍ତବ୍ୟର ଉପସ୍ଥାପନା କବିତାଗୁଡ଼ିକର ବଳିଷ୍ଠତା ଓ ପ୍ରଭାବଶାଳିତା ସପକ୍ଷରେ ପ୍ରମାଣ ଦିଅଂତି ଓ ରସୋତ୍ତୀର୍ଣ୍ଣତା ଦାବି କରଂତି ।

ଏଥିରେ ପରିସ୍ଥ ହୋଇଥିବା 'କେତେଗୁଡିଏ କବିତା' - ପ୍ରୀତି ଓ ପ୍ରତୀତି' ଓ 'ସ୍ମରଣ' 'ବିସ୍ମରଣ' (ପ୍ରକାଶକାଳ ୧୯୬୯ ଓ ୧୯୭୩) ରୁ ଗ୍ରହଣ କରାଯାଇଛି । ତେଣୁ ସମୟ ଓ ଅନୁଭୂତି ଭେଦରେ ଏ ସବୁଥିରେ କିଛିଟା ଭାବପ୍ରବଣତାର ଅଭାବ ଲକ୍ଷ୍ୟ କରିବା ବଡ କଥା ନୁହଁ । କିଂତୁ

Digitized by PPRACHIN, SOA

କମଳାକାନ୍ତଙ୍କ କବି - ଦୃଷ୍ଟି ସବୁଥିରେ ସ୍ପଷ୍ଟ ଓ ଅତୁଟ । ଯେମିତି 'ମାନଚିତ୍ର', 'ଶାମୁକା', 'ତମେ ଯଦି ଦେଖା ହୁଅ' ବା 'ମାଛ' ଇତ୍ୟାଦି ।

କୌଣସି କବିତା ଗ୍ରନ୍ଥର ସଚ୍ଚା ପାଠକ ଶୁଦ୍ଧରେ ହାତ ଦେଇ କହି ପାରିବ ନାହିଁ ଯେ ସବୁ କବିତା ଗୋଟିପଣେ ଭଲଲାଗି । ରୁଚି ଭେଦରେ, ଦୃଷ୍ଟି ଭେଦରେ କବିତାର ଗ୍ରାହ୍ୟତା ଭିନ୍ନ ଓ ସ୍ୱତନ୍ତ୍ର । ସେଇ ସ୍ୱତନ୍ତ୍ରତା ଯେଉଁଠି ଯେମିତି ମୋତେ ଛୁଇଁଛି, ପ୍ରକାଶ କଲି !

ଏଇ ବର୍ଣ୍ଣିତ ରଚନାଟି କବି କମଳାକାନ୍ତଙ୍କ 'ଚିତ୍ରା ଅଂକା କାଂଥର ଛବି ପରିଧି ବାହାରେ ଅପେକ୍ଷାରତ ପୃଥିବୀ' ର ମୁଖବନ୍ଧ, ଅଭିମତ ବା ମତାମତ ନୁହେଁ । ଏ ଭଳି ଏକ କାର୍ଯ୍ୟ ପାଇଁ ମୁଁ ବୋଧହୁଏ ଅଭାଜନ !

କମଳାକାନ୍ତ ଲେଙ୍କା ଆଧୁନିକ ଓଡ଼ିଆ କାବ୍ୟ ଜଗତରେ ଏକ ବିଶିଷ୍ଟ କବି ଭାବରେ ସ୍ୱୀକୃତି ଏବଂ ସମ୍ମାନିତ । କବିଙ୍କର ଅନେକ କବିତା ସଂକଳନ ଏଇ ପଚିଶି ବର୍ଷ ମଧ୍ୟରେ ପ୍ରକାଶିତ ହୋଇ ପାଠକ ଓ ସମାଲୋଚକମାନଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିପାରିଛି । କବିଙ୍କର ଏଇ ସଂକଳନଟି ପ୍ରକାଶିତ ହେବା ପୂର୍ବରୁ କବିତାଗୁଡ଼ିକ ପାଠ କରିବା ପାଇଁ ଏବଂ ଜଣେ ସାଧାରଣ ପାଠକ ଭାବେ ମୋର ପ୍ରତିକ୍ରିୟା ପ୍ରକାଶ କରିବା ପାଇଁ ସୁଯୋଗ ପାଇବା ମୋ ପକ୍ଷେ ଏକ ସୌଭାଗ୍ୟର ବିଷୟ ।।

ଶୁଭେନ୍ଦୁ ମୁଣ୍ଡ
ଅଧ୍ୟାପକ, ଇଂରାଜୀ ବିଭାଗ,
ସାମନ୍ତ ଚନ୍ଦ୍ରଶେଖର କଲେଜ, ପୁରୀ

Digitized by PPRACHIN, SOA

ଏଥିରେ ଅଛି —

ନାସ୍ତ୍ର ॥ ଶୋଭ୍ରବନ ॥ ଇଚ୍ଛାଟିଏ ॥ କେଇ ନ ଥିଲା ବେଳେ ॥

ଦୃଶ୍ୟମାନ ॥ ଦୋ ଦୋ ପାଂଚ ॥ ପ୍ରେମ ॥ ମୋକ୍ଷ ॥

ମାନପତ୍ର ॥ ନବାବ୍ ॥ ବଂଶୀ ॥ ଚଇତ୍ର ॥ ମାନଚିତ୍ର ॥

ଶାମୁକା ॥ ବିରହ ॥ ନୂଆଗୀତ ॥ ଡିମିରି ଫୁଲ ॥

ଶେଷ ॥ ସନ୍ତାପ ॥ ତମେ ॥ ପ୍ରତିଶୋଧ ॥

ଆଶ୍ଚର୍ଯ୍ୟ ॥ ଦୁଷ୍ମନ୍ ॥ ପୁନଶ୍ଚ ଅବତରଣ ॥

ପ୍ରତିଦାନ ॥ ଆମଂତ୍ରଣ ॥ ପୂଜା ॥

ପାରୁଚପଦ ॥ ଅଭିଯୋଗ ॥ ପତ୍ରଲେଖ ॥

ଲିଉଟାଣି ॥ ଗୋଟେ ଗ୍ରେଟ ସ୍ୱପ୍ନ ॥

ବିଲୀନ ॥ କବିତା ॥

ଆତ୍ମଗୋପନ ॥

ବ ନ ମ ସ୍ତୁ ॥

କାଳେପି ॥ ଈର୍ଷା ॥

ସୂର୍ଯ୍ୟମୁଖୀ ॥ ରୂପାଂତର ॥

ହୈମଂଶ୍ରୀ ॥ ଜନ୍ମାନ୍ତର ॥

ପରିଚ୍ଛନ୍ନ ॥ ଟୋପାଏ ଚନ୍ଦନ ॥

ଅ ଧା ହୁ ନ ॥ ଦୋ କ ॥

ନାଟକ ॥ ବିଲମଂଗଳ ॥ ପୂର୍ଣ୍ଣାହୁତି ॥

କଥାମାନ ॥ ବିବର୍ଣ୍ଣ ॥ ଅନିଦ୍ରା ॥ ବିଚ୍ଛେଦ ॥

ଅପବାଦ ॥ ଖବର ॥ ପୁନର୍ଗମନ ॥ ତମେ ଯଦି -

ଦେଖା ହୁଅ ॥ ବସ୍ତ୍ର ନଦିଓ କମ୍ ॥ ମାଛ ॥

ଉଚିତ ଅନୁଚିତ ॥ ଏଣିକି ॥ କାଠ କ୍ୟାବିନ୍ ରେ -

ପାନ ଖାଂଗୁଥିବା ଝିଅଟି ॥ ବିଜ୍ଞାପନ ॥ ଅପ୍ରସଂଗିକ ॥

କ୍ଷମାମୟୀ ॥ ମହାକାଳୀ ॥

Digitized by PPRACHIN, SOA

ନାରୀ

ଅନ୍ୟଥା

'ଏପରି ଭାବିବା ଠିକ୍ ! ତୁମେ
ମୋ ପାପ ପୁଣ୍ୟର ନିର୍ଦ୍ଧାରିତ
ଅଧିବାସ । ଆତ୍ମ ପ୍ରକାଶର
ନିଷ୍କପଟ ଗୋପନୀୟତା ! ମୋ
ଅସ୍ଥିର ପ୍ରତ୍ୟୁଷର ପ୍ରଥମ,
ଓ ସର୍ବଶେଷ ସଂବୋଧନ,
କବିତା, ତୁମେ ନାସ୍ତି !'

ଆଣ୍ଠୁ ସଂଧିରେ ମୁହଁ ଯାକି
ଗୃତୁର୍ଗଜ କୋଳରେ ବସିଥାଅ, ଶ୍ରୀମତୀ ।
ସମର୍ପଣର ଆକାଶ ବହିଯାଉ ମାଟିକୁ,
ମାଟି ତଳର ଅକ୍ଷର ବୀଜକୁ,
ଫୁଲର କେଶରକୁ ଅନବରତ, ହିରଣ୍ମୟୀ ।

ଅନ୍ୟଥା
ଏପରି ବୁଝିବା ଠିକ୍ !
ଅନିତ୍ୟରେ ଅସହିଷ୍ଣୁ ନିତ୍ୟତା ତୁମେ ।
ଭଲ ମନ୍ଦ ଓ ସ୍ୱଚ୍ଛନ୍ଦତାର ଚତୁରଙ୍ଗ,
ମଧୁମତୀ । ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କ ସମକକ୍ଷ
ଶତ୍ରୁଟିଏ ଭଳି ସ୍ପର୍ଦ୍ଧାର ଆଭରଣହୀନ
ମୌନତା । ସୃଷ୍ଟିର ସପତ୍ନୀ । ରହସ୍ୟର
ନିକଟତମ, ସଂଦିଗ୍ଧ ଉତ୍ତର, ଚିନ୍ମୟୀ ।
କବିର ଅଷ୍ଟୋତ୍ତରଶତ ନାମ
ବ୍ରାହ୍ମୀ, ସରସ୍ୱତୀ ।।

Digitized by PPRACHIN, SOA

ଶୋଷଣ

ଧର, ମୁଁ ଏଇଠି—
ଖୁବ୍ ପାଖରେ । ଯେମିତ
ତମ ପାଖରେ ଭ୍ରମର
ଯାବତ୍ ଗୋପନୀୟତା । ଧର,
ମୁଁ ଏଇଠି, ଖୁବ୍
ଦୂରରେ । ଯେମିତ
ତମ ପାଖରେ ଭ୍ରମର
ଉନ୍ମୁକ୍ତତା !

ଯେ ଯେଉଁଠି ଥିଲେ ବି
ଫଣୀଟିର ଲମ୍ବରଛର
ବର୍ଷାର ଟୁପୁରୁ ଟାପୁରୁ
ଉତ୍ତାପ । ତଥ୍ୟ ଭର୍ତ୍ତି ଆକାଶ,
ଓ ପ୍ରସନ୍ନ ସକାଳ ।।

Digitized by PPRACHIN, SOA

ଇଚ୍ଛାଟିଏ

ହଳଦୀ ଲଗାଇ
ତୁ ଆସିବୁ ନାହିଁ,
ଚଂପା ଫୁଲଟି
ପକେଟକୁ
ଡେଇଁ ପଡ଼ିବାର
ସଂଭାବନା ଅଛି ।
କଜଳ ଲଗାଇ
ତୁ ଆସିବୁ ନାହିଁ ।
କଜଳପାତିଟି କଂଧରେ
ଲୋଟି ଯିବାର
ସ୍ୱତନ୍ତ୍ରତା ଦେଖାଇବ ।
ବେଣୀରେ ତେଲ
ମାଖିବୁ ନାହିଁ ।
ସଗ୍ଗଟି ନଷ୍ଟ ହେଇ
ବହି ଯିବାର କଥା ଅଛି !
ଓଠକୁ ସିଝିଦବୁ ନାହିଁ
ଝବ୍ଦଂକ ଉଷ୍ମାପରେ ।
କିଛି କହି ନ ପାରିବାର
ନାକ କାଂଦଣାଇଁ
ଅଂତିମ ଇଚ୍ଛା ।
ତୁ ମନେ ପଡ଼ିବାର
ମୁହୂର୍ତ୍ତଟି
ବର୍ଷାଧୂଆ କ୍ଷେତପର
ହସ ହସ, ସୁଂଦର, ସରସ ।।

Digitized by PPRACHIN, SOA

କେଇ ନ ଥିଲା ବେଳେ

କେଇ ପାଖରେ
ନ ଥିଲା ବେଳେ
କବିତା ସହ କଥା ହୁଏ
ଯଉଁ କଥାକୁ
ଦିନରେ
ପୋଷା ଶାରୀ ସହ
କଥା ହବା ଆଳରେ
ଆଉ ଥରେ ମନେ ପକାଏ, ଓ
ହସିବା ଛଡ଼ା
କିଛି ମନେ ପଡ଼େ ନାହିଁ ।
କିଛି ମନେ ନ ପଡ଼ିବା ବେଳେ
ଭଂଗା ଆଇନା ପରି
ସମସ୍ତର କାଂଦଣା ଦେଖେ, ଓ
ସୁଖର ଖବର
ବୁଝିଲା ବେଳେ
ମୋ ଛଡ଼ା ତମେ; ତମ ଛଡ଼ା
କବିତା, କେଇ
ପାଖରେ ନ ଥାଂଉ ॥

Digitized by PPRACHIN, SOA

ଦୃଶ୍ୟମାନ

ତମେ
ନଗ୍ନ ହେଲେ
କେମିତି ଦିଶ ?
ଉଦ୍‌ଭାସିତ
ସୌନ୍ଦର୍ଯ୍ୟର
ଅରଣ୍ୟ ପରି
ନା
ସ୍ଥାପିତ ନିଆଁର
ହୁତାଶ ପରି
ନା
ଅପଘଣ
ପକ୍ଷି ମୁକ୍ତ ହେଲାବେଳେ
କବର
ହୃଦୟ ପରି ।।

ଦୋ ଦୋ ପାଂଚ

ତୁ କହିଲୁ ବସ୍ ।
ମୁଁ ଉଠି ବସିଲି ଯେ
ପାଦ ଟେକିଲା ବେଳକୁ
ନିଜ ମଥାରେ ନିଜେ ।
ତୁ କହିଲୁ – ଉଠ୍ ।
ମୁଁ ବସି ପଡ଼ିଲି ଯେ
ଆଖି ଖୋଲିଲା ବେଳକୁ
ମୋ ମଥାରେ ତୁ !

Digitized by PPRACHIN, SOA

ମୁଁ କହିଲି - ଆଃ ।
ତୁ ଯିବା ଯିବାରେ
ରହିଗଲୁ ।
ତୁ କହିଲୁ, ଯା' ।
ମୁଁ ଯିବା ଆସିବା ଖେଳରେ
ଗଲି ଅଇଲିର
ଅଂତର୍ଦ୍ଦ୍ୱନ୍ଦ୍ୱରେ
ଡାଢଗଲି, ଲଢ଼ିଗଲି ॥

ପ୍ରେମ

ଯେଉଁଦିନ
ଶ୍ମଶାନରୁ ଫେରିବ
ତମ ଶବ
ସତ୍କାର କରି
ହୁଏ ତ
ମୋର ତବ ସହ
କଥାବର୍ତ୍ତାରେ
ସାରି ରାତି ବିତିଯିବ,
ହୁଏ ତ
ସାରା ରାତିର ଅଂଧାର
ଜଣାଯିବ
କବିତାର ପ୍ରତିମା ପରି
ପ୍ରେମର ଜୁଇ ପରି ॥

ମୋକ୍ଷ

ହାତ ରଖିଲି
ଓଠରେ ।
କହିଲ ଲଜ୍ଜା
ନର୍ଲିଜ୍ଜ ଅବଧୂତ !

ହାତ ରଖିଲି
ଅଂଟାରେ ।
କହିଲ ମଧ୍ୟ ସ୍ୱର୍ଗର
ଇଂଦ୍ରଜାଲ
ଅନସ୍ଥିତ !

ହାତ ରଖିଲି
କଂଠରେ ।
କହିଲ ଗୋପନୀୟତା
ଚିର ହରିତ୍ ,
ଓ
ମୁକ୍ତ ॥

Digitized by PPRACHIN, SOA

ମାନପତ୍ର

ତିଲୋତ୍ତମାମାନେ
ଯଦି
ପ୍ରେମର ସୂଚୀପତ୍ର
ହୁଅନ୍ତ —
ତେବେ ହେ ଈଶ୍ବର,
ସୃଷ୍ଟି ହିଁ
ତମର ସବୁଜ
ପତ୍ର ।
ପ୍ରେମିକାମାନେ,
ଯଦି
କବର ନିର୍ଦ୍ଦୋଷ
ଅଂଗୀକାରର
ହସ୍ତାକ୍ଷର ହୁଅନ୍ତ —
ତେବେ ହେ ଈଶ୍ବର,
ମୁଁ
ତମର
ଅଲିଖିତ ମାନପତ୍ର ॥

Digitized by PPRACHIN, SOA

ନିର୍ବାକ୍

ନା । ତମେ ଅବ୍ୱକା ଆଉ ନାହିଁ ।
ମେଘ ଅଂଧାର ରାତ୍ରରେ
ଜୁଳୁଜୁଳିଆ ପୋକ
ତମ ନାକଚଣାରେ ବସିଲେ,
ଆସିବ ।

ନା । ତମେ ଅବ୍ୱକା ଆଉ ନାହିଁ ।
ଜହ୍ନି ଫୁଲିଆ ରାତ୍ରରେ
ତମ ଛୁଇ ତୁମକୁ ଝୁଂଟିଲେ
ଆଉ । ଯେମିତ

ଦୁଃଖକୁ ଦୁଃଖ ବଳିଲେ
ସୁଖକୁ ସୁଖ ହସିଲେ
ଭାଷା ଷ୍ଟୁରେ ନା, ଶବ୍ଦ ସବୁ
ଦୃଶ୍ୟକୁ ଦୁଃସ୍ୱପ୍ନ
ସକାଳର ପ୍ରଲୋଭନକୁ
ଖାତର୍ କରେ ନା !!

Digitized by PPRACHIN, SOA

ବଂଶୀ

ହାତରେ
ନିଃଶେଷ କଲି
ଯେଉଁ ସ୍ପର୍ଶ
ତା ବର୍ଷାର ସ୍ୱର ହେଲା ।

ଜିଭରେ
ନିଃଶେଷ କଲି
ଯେଉଁ ସ୍ୱାଦ
ତା' ଆଖିର ଭାଷା ହେଲା ।

ଶ୍ୱାସରେ
ନିଃଶେଷ କଲି
ଯେଉଁ ରୂପ
ତା' ରକ୍ତର ଅହଂକାର ହେଲା ।
ସ୍ପୃଢର ଭୂଷଣ ହେଲା ।

କାନରେ
ନିଃଶେଷ କଲି
ଯେଉଁ ଛନ୍ଦ
ତା' ଅସ୍ପୃହାର
ସ୍ଫୁଲିଂଗ ହେଲା,
ହାତକୁ ବଂଶୀ କଲା ॥

Digitized by PPRACHIN, SOA

ଚଇତ

ତମ ମନେ
ଯେତେ ଇଚ୍ଛା
ମୋ ମନରେ
ତାହାଠାରୁ ବଳି,
ଏ ମଧୁ ଚଇତ ପିଏ
ବସନ୍ତର ପିଆଲାରୁ
କୁହୁସୁର ଢାଳି,
ମୋର କଂଠେ
ଯେତେ ଶୋଷ
ତମ ମନେ ତାହାଠୁଁ ଅନେକ ।
ଫୁଲର ଗୁଣ୍ଡିରେ ବସି
ତମେ ମୋର କପାଳରେ
ଚୁଂବନର ଛତା, ସଖି
ଆଂକ ।।

Digitized by PPRACHIN, SOA

ମାନଚିତ୍ର

ପ୍ରେମ ମାନେ କିଛି ନୁହଁ
ଆଖି ଏବଂ ଆଖିର ନିଃଶ୍ୱାସ
ବତାସରେ ଘୂରାଇବା ।
ସଂଭବତଃ ରକ୍ତିର ନଈକୁ ଡିଙ୍ଗି
ରକ୍ତର ତୁଠରେ
ଠିଆ କରାଇବା ।
ବେଶି ହେଲେ
ଓଠ, ସ୍ତନ, ଜଂଘର ଦ୍ୱଂଦ୍ୱକୁ
ଆପଣାକୁ ନିବର୍ତ୍ତାଇ
ଶୂନ୍ୟରେହିଁ
ଶୂନ୍ୟକୁ ଯୋଖିବା ।
ପ୍ରେମ ମାନେ କିଛି ନୁହଁ
ଯୋରପ ଫୁଲର ଗନ୍ଧ,
ମୁହୂର୍ତ୍ତର ଅର୍ଦ୍ଧଳି, ଓ
ଘର୍ମାସକ୍ତ ଅଂଗର ସଂପଦ !
ଯାହା କି ତରଳି ଯାଏ
ନିଃଶ୍ୱାସରେ ଶ୍ୱାସ ହୋଇ
ଶ୍ୱାସରେ ନିଃଶ୍ୱାସ ।
ପ୍ରେମ ମାନେ ଆପଣାକୁ
ଭୁଲିବାର
ଦେହ ଏବଂ ଆଖିର ବିଶ୍ୱାସ ॥

Digitized by PPRACHIN, SOA

(୧୩)

ଶାମୁକା

ତମକୁ ମୁକ୍ତ କଲେ ସମୁଦ୍ର ।
ତମକୁ ଯୁକ୍ତ କଲେ ସନ୍ନ୍ୟାସ ।
ଓ ତମକୁ ଛିନ୍ନ କଲେ
ବିଦୀର୍ଣ୍ଣ ପୃଥ୍ୱୀର ହାହାକାର !

ଅଥଚ ତମେ !
ମୋତେ ଯୁକ୍ତ କର,
ମୁକ୍ତ କର ।
ଛିନ୍ନ କର ।

ଓ

ଛିନ୍ନ କର
ଯୁକ୍ତ କର
ମୁକ୍ତ କର
ମୁକ୍ତାର ସଂଧାନରେ ।

ତମେ ଦ୍ୱିଧା ହୁଅ ।
ତମେ ସିକ୍ତ ହୁଅ ।
ତମେ ରିକ୍ତ ହୁଅ ।
ମୁକ୍ତିର ବଂଧନରେ ॥

Digitized by PPRACHIN, SOA

ବିରହ

ସମସ୍ତ ତମକୁ ନିଏ
ଫୁଲ୍ ପରେ ଆଦରେ ଗୋଟାଇ,
ତମ ବିନା ଇଂଦ୍ରଧନୁଂ
ତମ ଭୂରୁ ଚପରେ ଲୁଚଇ ।

ପବନର ଗୀତ ହଜେ
ତମ ବିନା ତମର ଖିଆରେ ।
ତମର ହସର ଖଇ
ଭିଜିଯାଏ ବରଷାର ଧାରେ ।

ସମସ୍ତ ତମକୁ ନିଏ
ପଣତରୁ, ଚୁଡ଼ିରୁ ଶବ୍ଦରୁ !
ତମ ବିନା ମୁଁ ଯେ ବଂଚେ
ହଜିବାର ନିଃସଂଗ ସୁଖରୁ ।

ତମ ବିନା ଜାଲ ବୁଣେ
ବର୍ଷା ଝର, ଝାପ୍ସା ଜହ୍ନ ରାତ ।
ଉନ୍ମନା ସମସ୍ତ କ୍ଷଣେ
ତମ ପ୍ରୀତ ସୀମଂତର ଜ୍ୟୋତ ।

ସମସ୍ତ ପ୍ରତୀକ୍ଷା କରେ
ରାଜରାଣୀ ଦେହର ବଂଦରେ ।
ତମ ବିନା କୃଷ୍ଣଚୂଡ଼ା
ଫୁଟିଛି କି ବିରହର ଡାଳେ !

Digitized by PPRACHIN, SOA

ନୂଆ ଗୀତ

ଏଠି ନୂଆ ସପନର
ଢେଉ ମୋର ମନ ଯାଏ ଛୁଇଁ ।
ଅନେକ ପିଚ୍ଛିଲ ଗୀତ
ଦରଦର ଭୂଇଁ ହଏ ଧୋଇ ।।

ଏଠି ନୂଆ ଲଟା ଦୋଳେ
କୁନି କୁନି ଚଢେଇର ପ୍ରୀତି ।
ଯାହା ମୁଁ ପାରେ ନା ଭୁଲି —
ପରଲ୍ଲିଗା ବଣର କପୋତି
ବାରଂବାର ସେଇ କଥା
କହିଯାଏ —
ଆକାଶକୁ, ଭରା ଦରିଆକୁ ।
ଏଠି ନୂଆ କଥା ଫୁଲ
କଥା ହଏ କାହାକୁ ? କାହାକୁ ?

ଫୁଲ ଫୁଟୁ, ଫୁଲ ଲୋଟୁ ।
ଗୀତ ଗାଉ ବସଂତର ପକ୍ଷୀ ।
ଆଜିକାର ନୂଆ ଗୀତ
କାଲି ପାଇଁ ନ ରହୁ ଗୋ ବାକି ।।

Digitized by PPRACHIN, SOA

ଡମିର ଫୁଲ

ଶୀତ ସ୍ୱାଦର
ଜହ୍ନ ପରି
ମୁଁ ଏକୁଟିଆ ।
ଅସୁସ୍ଥ ଇଚ୍ଛାଟିଏ
ରେଜେଇ ତଳେ
ଚୁଲି କଂଧାରେ
ଡୁଲାଉ ନାହିଁ ପୁଞ୍ଜି ପରି ।
ତମେ ଆସ ଯେମିତ
କାମିନୀଟି ଫୁଟେ । ତଥି
ଚହଟେ ।
ଦକ୍ଷିଣା ହାଓ୍ୱା ପରି
ପକ୍ଷୀଟିର ନୀଳାଭ
ସ୍ୱପ୍ନର
ଦର୍‌ବଳସ୍ତ ପରି
ଅଫୁଟ ଇଚ୍ଛାଟିଏ
ଦୁବ ଫତରରେ
ଗଂଗଶିଉଳି ପାଖୁଡ଼ାରେ
ଡୁଲାଉ ନାହିଁ
ପ୍ରତ୍ୟାଶା ପରି ତମେ ଆସ ।

ଯେମିତ ଡିମିର ଗଛରେ
ଫୁଲ ଫୁଟେ । ତଥି
ଚହଟେ ।।

Digitized by PPRACHIN, SOA

ସ୍ନେହ

ଯେବେ
ଯେଉଁଠି ନଦୀ ଯାଏ
ସେଇଟା ମୋର ସ୍ନେହ,
ନିଜକୁ ପାଶୋରି ଦେବାର
ଦୁଃଖର ମଳିଣା,
ସୁଖର ଅଣିମା ;
ତମକୁ ଜଡ଼େଇ ନେବାର
ଗୋଟେ ସହଜ
ସାଧନ, ଋତୁ ପରିକ୍ରମା ।
ତମେ ଗୋଟେ
ସ୍ନେହ ହେଇ ଯାଅଂତ ନି,
ପ୍ରିୟଂବଦା ॥

ପରିମାପ

ତମ ଭିତରେ
ଶରତ ଋତୁର ସଂଜଟିଏ
ମୋ ଭିତରେ
ଶୀତ ସକାଳର କାକରଟିଏ
ହୁଏତ ବୋଲି
ସାକ୍ଷ୍ୟ ଦଉଛ ଲଂପଟ ।
ଲେଖି ଦଉଛି ସୁଂଦରୀ ।

ପରସ୍ପରକୁ
କଳନା କରିବା
କେଡ଼େ ସହଜ, ପ୍ରିୟତମା ॥

Digitized by PPRACHIN, SOA

ଡ଼ଓମ

କାଚ କଂଢ଼େଇଟି
ଭଳି
ବକଟେ ମାଣି ଜୀବନ !
ଯେତେ ଖେଳଲେ ବ
କାଣଭଂଡୀ ପଠାରେ
ପବନ ବାହୁନୁ ଥାଏ
ସକାଳଠୁଁ ସଂଜ,
ସଂଜଠୁଁ ସକାଳ !
ଯେମିତି ଅଗରବତୀର
ବାସ୍ନା, ବେଡକୋଳି ବଣରେ
ଛପି ରହୁଥିବା
ପିଲାବେଳ !

Digitized by PPRACHIN, SOA

ପ୍ରତିଶୋଧ

ଯେବେ ଜାଣିଲି
ଶୁଝିଲି ପଇଟେ ପଣ
ପ୍ରତିଶୋଧର ନିଆଁରେ
ଜଳି ଯାଉଚ
ପ୍ରେମର ଉନ୍ମେଇରେ,
ଅପବାଦର ପବନରେ,
ବୁଝିଲି

ପ୍ରକୃତରେ ଭଲ ପାଇବା ମାନେ
ଖାସ୍ ଇର୍ଷା ହୋଇଯିବା ।
ଭୁଲି ଠିକ୍‌ର ସୁଆଡରେ
ପୁଣି ନିଜ ପାଖକୁ
ଲେଉଟି ଆସିବା, ଜଡେଇ ଧରିବା ।

ତେବେ କିଏ କହି ପାରିବ ?
ଆମ୍ଭେ କାହାର
ପ୍ରତିଦ୍ୱନ୍ଦୀ । କିଏ କାହାର
ପ୍ରତିବେଶୀ ??

Digitized by PPRACHIN, SOA

ଆଶ୍ଚର୍ଯ୍ୟ

ତୁ ମଂଦକୁ ଘୃଣା କରୁ ।
କାରଣ
ମଂଦହିଁ ତୋର
ପ୍ରତିବିଂବ ।

ତୁ ଭଲକୁ ଭଲ ପାଉ ।
କାରଣ
ଭଲହିଁ ତୋର
ସମଗ୍ର ସୃଷ୍ଟି !
ତେଣୁ ତୋତେ ବନ୍ଦୁଛି ।

ଯେହେତୁ ତୋ
ଭିତରେ
ଦେଖୁଛି ନିଜକୁ,
ନିଜ ଭିତରେ
ତୋ ଦ୍ୱିତ୍ୱକୁ ॥

Digitized by PPRACHIN, SOA

ଦୁଷ୍ମନ୍

ସତରେ
କେତେ ସଅଳ
ତମେ ବୁଢ଼ୀ ହେଇଗଲ !
ଏ ପାଜି ସମୟଠାରୁ
କି ଭୟଂକର
ଦୁଷ୍ମନ ମୁଁ
ଦେଖିଲି ॥

ପୁନଶ୍ଚ ଅବତରଣି

ତମକୁ ସଅଁପି ଦେଲି
ପରେ
ଆଂଜୁଳା ଆଂଜୁଳା
ଟେକ ଦେଲି ପରେ
ମୋ ଅନିଦ୍ର
ମହାକାଳର ବିଭୂତି
ଦାଢ଼ି ଓ ଘଣ୍ଟଘରର
ସଫେଦ
ଗଂଗଶିଉଳିର ପ୍ରାର୍ଥନା,
ଆଜି କ'ଣ ଅଛି
ମୋତି, ?

ଅଛି, ତମ
ଅଶୁଭ ଦର୍ଶନର
ବିହ୍ୱଳ ଧୃଷ୍ଟତା !

Digitized by PPRACHIN, SOA

ଅଛୁ, ତମ
ରହସ୍ୟର ଦୃଷ୍ଟି
ଆଲିଂଗନ ପୁନଶ୍ଚ
ହସିବ
ଏଇ ପବନ ନର୍ତ୍ତରେ ।
ପୁନଶ୍ଚ
ଅଂଧ ହେବ
ରମଣୀସ୍ମୃତାର
ଅରଣ୍ୟ କ୍ଷୀରରେ ॥

ପ୍ରତିଦାନ୍

ତମକୁ
କୋଳେଇ ନେଲ ବେଳେ
ବିଜୁଳି ପରି
ପୋଛ ପକାଁଏ
ଉଜ୍ଜ୍ୱଳ ପାଦକୁ
ଅଜସ୍ର ଚୁଂବନରେ ।

ଫଳତଃ
ସ୍ତବକ ମଂଡିତ ହେଇ
ଗୃଷ୍ଟିଏ
ଅବନତ କ୍ଷମାର
ଶିରରେ ॥

Digitized by PPRACHIN, SOA

ଆମଂତ୍ରଣ

ଆ' ମୁଁ ତୁଂକ
ଦଉଚି , ଫିଂଗି ଦଉଚି
ମୁଠାଏ ଧୂଳି
ଆଣ୍ଡାଏ ମଂତ୍ର ଘର
ତୋ ଭାଗିଦ୍ର
ପହ୍ଲବାଲକୁ ଆ,'
କଥା ଦଉଚି —

ନାଲି ଆଖିରେ
ଝୁଦ୍ଧିବ ନାହିଁ
ଅଙ୍କଂ ଭଷାଂଛ
ବଜାବ ନାହିଁ
ତୋ ସାଂସାରିକତାର
ଦୁର୍ଲଭ ଖେଳକୁ ॥

ପୂଜା

ଆଖି ମୁଦ୍ଦ ଦେଲେ
ସୃଷ୍ଟିର ଖେଳ ।
ଜୀବନ ତମାମ
ଖେଳି ପାରିବ ତ
ଆଖି ମୁଦ୍ଦ ଦେବେ
ଈଶ୍ୱର । ଗୋଟାଏ ଚଂପାରେ
ଲଟେଇ ଯିବ ମଂତ୍ର ॥

Digitized by PPRACHIN, SOA

ପାରୁଚ ଯଦି

ତମ ପ୍ରତିଶ୍ରୁତିର
ହାତ ଧରି
ଅନେକ ବାଟ ଆସିଲି ।
ଆଉ କେଉଁ ହୋଇଥିଲେ
ମଂଟେଇ ଯାଇଥାଂତା
ରାସ୍ତା ମଝିରେ । ଅବସନ୍ନତାର
ପଂକରେ !

ପାରୁଚ ଯଦି
ଏକା! ଏକା ଏମିତି ଚାଲି ।
ନିଜ ନିରୁପାୟ
ସ୍ୱରୂର୍ଯର
ପଛେ ପଛେ ।
ଦେଖୁଚ, ଠିକଟିଏ ପରି
ନୀରବତାର
ଟେଉପାଟୀରେ
ସମସ୍ତ, କେମିତି ହସୁଚି !!

ଅଭିଯୋଗ

ସବୁଟିବେଳେ
ତୁମର ଗୋଟାଏ
କଥା ଏଣିକି ଆଉ
ପାଶିବ ନାହିଁ, ସହିବ ନାହିଁ —
ଯା' ଦେଖୁଚ । ତୁମେ
ଏତେ ଗୁଡ଼ାଏ ପିଉଚ
କାହିଁକି କହିଲ ? ମଦଠାରୁ
ମୁଁ କଉଁ ଗୁଣରେ ସାନ ଯେ !

ଉତ୍ତରରେ ହସିଲି ଓ କହିଲି
ସତ କଥା । ହେଲେ, ମଦ
ମତେ ଭୁଲ୍‌ରେ ବି
ଭୁଲେ ନାହିଁ । ଠିକ୍‌ରେ ବି
ଠକେ ନାହିଁ । ଭୁଲ୍ ଠିକ୍‌ର
ମଝି ରାସ୍ତାରେ
ଠିଆ କରାଇ
ପାଂଚ ପଚାଶିଂକ କଥାରେ ଛୁଡେ ନାହିଁ—
ଟଳେ ନାହିଁ । ସବୁବେଳେ
ପାଖରେ ଥାଏ । ଭଡରେ
ଗାଏ । ତୁମଠାରୁ ମଦ
କଉଁ ଗୁଣରେ ଊଣା ଯେ !!

Digitized by PPRACHIN, SOA

ପ୍ରେତଲେଖ

ଅବକା
ମୋ ହାତ ଆଆଂତାରେ
ଯଉଁ କବଡାଟି
ଅଛ ହେ ତମେ ।
ତମକୁ କବଡାଟିଏ
ଉପଟୌକନ ଦବା
ଅର୍ଥ - ତମ ସହ
ଏକାଂତରେ କିଛୁ କଥା ହବା ।
ଖୁବ୍ ଟେବଣିରେ
ଝମାମସ୍ତ ଧନଗୁଡ଼ିକ ମଥାରେ
ଗୋଟେ ଦୁର୍ଲଭ
ବହ୍ୱଲତାର
ମୁକୁଟ ପିଂଧାଇବା !
ଅବକା ଯଉଁ କବଡାଟି
ଜନ୍ମ ଜନ୍ମର
ଅହଂକାରର ଚେରରୁ,
ଅଥଳତାର ଗଭୀର ମାଟିରୁ
ବାହ୍ମା ବାରୁଚ
ତାର ନିର୍ଦ୍ଦିଷ୍ଟ ପ୍ରତିଦ୍ୱଂଦୀ
ତମେ । ତମେହିଁ ମୋ କବଡାର
ନିରଂକୁଶ ଆୟୁଷ ।।

Digitized by PPRACHIN, SOA

ଲେଉଟାଣି

ଯେତେ ଫାଂକଲେ ବି
ଏମିତି ଆସିବ ।
ଖେଳ କୁଟିରେ ପିଲମାନେ
ଯେମିତି ଏକମୁହାଁ
ଘରକୁ । ପବନ ସାଥିରେ
ଫୁଲର ମହକ
ଖସ୍ୱାଦନଆ ନଈର
ଅବୁଝା କୋହକୁ !
ଆସିଲେ ଆଡେଇ ଦବ
ଯଉଁ ଜଗର୍‌କୁ
ମୁହଁ ଫୁଲରେ
ଯୋଡ଼ ପକାଇବ ଯଉଁ
ସଂଜସଂଜିଆ ଉତ୍‌ଫୁଲ୍ଲ ଅଭିମାନକୁ
ସେଇଟିକୁ ଶ୍ରଦ୍ଧାରେ
ତୋଳି ଧରୁ ଧରୁ କହିବ
ଜାଣିଲ, ଶ୍ରେଷ୍ଠ ଅନୁଭବର
ନିରୋଳା ଭାବଟିଏ
ବସିଚ । ଶୀତ ଖେତର
ଲଂଠନଟିଏ
ମିଂଜି ମିଂଜି ଜଳୁଚ ।
ଯଦି ପାରୁଚ
ଦ୍ରଢ଼ଶ୍ରୁତିଟି ପରି
ଫୁଂକି ଦିଅ ।
କଅଁଳ ଶବ୍ଦଟି ପରି
ଆଉଁସି ଦିଅ !!

Digitized by PPRACHIN, SOA

ଗୋଟେ ଛୋଟ ସ୍ୱପ୍ନ

ଓହ୍ଲା ଘଣ୍ଟଥିବା
ଫୁଲ ଭର୍ତ୍ତି ଡାଳ
ଯେଉଁଠି ପାଣିକୁ ଛୁଇଁଚ
ଆଉ, ବସାଟିଏ ବାଂଧିବା
ଗୀତଟିଏ ବୋଲିବା
ସେଇଠି । ବହି ଯାଉଥିବା
ଝରଣା, ନାଆ ବାଉଥିବା
କେଉଟ, ଚିହ୍ନି ଯାଉଥିବା
ହରେକ ରଂଗର ପକ୍ଷୀ,
ଭାସି ଯାଉଥିବା କାଗଜ ଡଂଗା,
ଅଳିଆ ଅସନା, କୁଟା କାଠିର ସଂସାର
କେଇ ହୁଏ ତ କେଇ
ଅଟକି ଯିବେ ଇଚ୍ଛାରେ, ଅନିଚ୍ଛାରେ !
କେଇ ହୁଏ ତ କେଇ
ଆମ ସହ ହୁଇ ମିଳେଇବେ
ସ୍ୱାତୀ ନକ୍ଷତ୍ରର ଅଜବ ସ୍ୱପ୍ନରେ !
ଆଉ, ଓହ୍ଲା ପଡୁଥିବା
ଭଂଗା ଡାଳ ପତ୍ରରେ
ମଂଜି ଦବା ଅକ୍ଷମ
ସଂବୋଧନକୁ । ଗୋଟେ ଶ୍ରେଷ୍ଠ
ଚୁଂବନରେ ଜୀବନ୍ୟାସ ଦବା
ନବାଗତାର ଓଷ୍ଠାକୁ
ସାଂତ୍ୱନାକୁ ।।

Digitized by PPRACHIN, SOA

ବିଲୀନ

ପାଖକୁ, ଆହୁରି ପାଖକୁ
ଆଖିରୁ ଆଖିକୁ, ଓଠରୁ ଓଠକୁ
ଦେହର ଦେହକୁ
ଚିହ୍ନିଲି ଆ'ରେ ମିତଣି !
ଯେମିତି ତୁ ଓ ମୁଁ
ନିଶ୍ଚିହ୍ନ ହୋଇଯିବା
ଅଣସ୍ମୃତିରେ
ବର୍ଣ୍ଣମାଳାର କୋକେଇରେ ହିଁ!

କବିତା

କହ୍ନି ଫୁଲଟିଏ
ଯଉ ତମେ
ଦିଶୁଛ ଦୂରରୁ,
ଅପସ୍ୱାଏ ବର୍ଣ୍ଣା
ପରେ ଯେମିତି
ଆକାଶରେ
ଚନ୍ଦ୍ର । କବିତାର
ପୃଥିବୀ । ଝାଟିମାଟି
କୂଳ ଉପରେ
ଭୂସ୍ୱର୍ଗ ??

Digitized by PPRACHIN, SOA

ଆତ୍ମଗୋପନ

ତମ
ଜୁଡ଼ା ଖୋଲି ଦଅ ।
ଓ ସଂଭ୍ରମରେ
ଘୁଂଚ ଆସ
ଖୁବ୍ ପାଖକୁ,
ଚଂପା ଫୁଲଟିଏ
ପରି ଠମା
ଅସ୍ଥି ହ୍ନି
ଲୁଚିଇ ରହେ
ତା'ଙ୍କ ଭିତରେ
ପୁନଃ ବନ୍ୟାଯକୁ ।

ବନ୍ଦମସ୍ତୁ

ଜାମୁକୋଳି
ରଂଗ ପରି
ମୋ ଦୁଃଖ,
ତୁମ ମଥାର
ବିଂଦୁଏ ସିଂଦୂର ।
ତରଭୁଜ ଶଧ
ପରି ତମ
ସୁଖ,
ଖଣ୍ଡିଦନ
ଛୁଟିର ସଂଶ୍ରର ॥

Digitized by PPRACHIN, SOA

କାଲେଜୀ

ସବୁ କଥାରେ
ହସି ଦବାଷ୍ଟା
ତୋର ଅଭ୍ୟାସ,
ଯେମିତ
ଝଂକମକ ଫୁଟୁଥିବା
ଭାତ ହାଂଡି !
ପେଜ ଗାଳି ଦେଲେ
ହସ ବାଂଦ ॥

ଈର୍ଷା

ରାତି ତମାମ -
ବଣ୍ଟିଏ କାଳି
ତମେ ଭାଗବତ ପଢୁଚ ।
ନିଦ ଆସିଲେ ଆଖିକୁ
ମତେ ହଲେଇ ଦେଇ
କହୁଚ ହେଉଛି, ଶୁଣିଲ
ଆକାଶରୁ ତରା ସବୁ
ଝଡ଼ି ଗଲାଣି । ମେଘ ଖଂଡ଼େ
ଉଠେଇଚ କି କ'ଣ !'
ମୁଁ 'ହୁଁ' ଟିଏ ମାର
କହିଲି ଦେଖିଲ, ମୋ ଓଠରେ
କେତେ ତାତ, ଏଇନେ
ଅପସାଏ ଭଲ ବର୍ଷା
ହୁଅଂତା କି !!

Digitized by PPRACHIN, SOA

ସୂର୍ଯ୍ୟମୁଖୀ

ହୃଦରକ୍ତ ରଂଗର
ଫୁଲ । କିଏ କାଂଦ କାଂଦ
ତ କିଏ
ହସ୍ ହସ । କିଏ
ଲକ୍ଷେ ବ୍ରେଷଣୀଭର
ଗୁଢ଼ର ଆଭରଣ ତ
କିଏ ସହସ୍ର କୁଂଭ ଜଳରେ
ଅଣଶ୍ୱାସୀ । ମୁଁ
ଯଉଁ ଫୁଲଟି ସାଥେ
ମିଠି ବୟସେ, ଫିସ୍ ଫିସ୍
କଥା -, ଅକଥା ହୁଏ
ସେ ଫୁଲକୁ ହଜାର
ହଜାର ଥର ଦଳି ମକ୍ଚି
ନହୁ ନୁହାଣ କରଚ ।
ତ' ନାଁ କ'ଣ ଜାଣିଛ ?
ସୂର୍ଯ୍ୟମୁଖୀ ॥

ରୂପାଂତର

ମୋ ବୋଲ ମାନି
ଆଖି ବୁଜି ଦେଲ
କିଛି ସମୟ, ଓ
ସଂଗେ ସଂଗେ ପାପ
ସହସ୍ର ନେତ୍ରରେ
ଉଜ୍ଜଳି ପଡ଼ିଲା
ଗଂଗା ହେଇ !

Digitized by PPRACHIN, SOA

ହୈମଂତୀ

ମଗୁଶିର ମାସ
ମାଣବସା ଗୁରୁବାର
ମିନେ ପଡ଼ିଲେ
ତମ ଧୋବ ଶାଢ଼ୀ କାନିରେ
ଗଁଠେଇ ହଏ
ଦୁବର ଅକ୍ଷତ ।
ଧାନ ପେଂଡାର ମଥାରେ
ଆଂକ ହଏ
ସୀମଂତ ।
ତମ ପାଣିକାଚରେ
ଲଟକାଇ ହଏ
ଧୂପ, ଦୀପ, ଚଂଦନର ବାସ୍ନା ।
ତମ ନଚପର, ଝୋଟିଲିପା
କାଂଥର ଉଲ୍ଲାସରେ
ଚହଟିଯାଏ
ସକାଳର ସୂର୍ଯ୍ୟ ପରି
ମୁଁ,
ପୁଣି ଯଉଁ ପାଦ
ପିଲଏ ସାହା
ଧରବା ପର୍ଯ୍ୟଂତ ॥

Digitized by PPRACHIN, SOA

ଜନ୍ମାଂତର

ଏବେ
ବହୁତ କଷ୍ଟରେ
ଆଖି ଜକାଏ । ହକାରେ
କାଂଦିବାକୁ
ଯତ୍ନ କଲେ ବି
ଭୁଲ୍‌ମାନଂକ ଶୋଭାଯାତ୍ରାରେ
ମୁକୁଳିଯାଏ ହସରେ ।
ଅଥଚ୍ କୌଣସି ଥର
ନିଜ ସହ ହାତାହାତି ହେବା ଛଡ଼ା
ଷଡ଼ଯଂତ୍ର ଦେଖେ ନାହିଁ ।
ଅଥଚ କୌଣସି ଭୁଲ -
ତମ ସହ ପାଟିତୁଂଡ
ଢଳେ ହେଲେ ମନେ ରହେ ନାହିଁ ॥

Digitized by PPRACHIN, SOA

ପରିଚ୍ଛନ୍ନ

ଝାଡ଼ୁଟିଏ ଧରି
ଘର ଅଗଣା
ସଫା ସୁତୁରା କଲାବେଳେ
ତମେ
ମୁଁ ମୋ ଭିତରର
ଆବର୍ଜନା ସବୁକୁ
ବସ୍ତାନ୍ତି ଦିଏ ଗୃହଆଡ଼େ, ଓ
ମନକୁ ମନ କହେ
ଏ ଗୁଡ଼ାକ କେତେବେଳେ
ସଫା ହେବ ? ଏତେ ମହକ ଯେ
ନିମିଷେ ରହି ହେଉ ନାହିଁ
ଉଜ୍ଜ୍ୱଳ ବାହାରେ !
ନା ଘରେ, ନା ନିଜ ଭିତରେ ।

Digitized by PPRACHIN, SOA

ଟୋପାଏ ଚଂଦନ

ଗାଧୋଇ ସାରିଲା ପରେ
ମୁଁ ଯେଉଁ ମଂତ୍ର ପଢେ
ତହିଁର ପ୍ରଥମ ଶବ୍ଦଟି ପରି
ତମେ ମୋ ଭିତରେ
ସେବେ ସଂଚରି ଯାଅ ନା

ଆଃ ! ସବୁ ଫେଂସର ସଂତୋଷ
ଲେଉଟି ଆସେ ଆଂକୁଳା ମଧ୍ୟକୁ ।
ସବୁ କଳଂକିତ ଦଂଥଡ଼ା ସତ୍ୟ
ମହକିଯାଏ ଚଂଦନ ଟୋପାକୁ ॥

ଆବାହନ

ଗୋ ଦେବୀ, ଯାହା ବାକି ରହିଛି
ନିଷ୍କୋଷିତ ହବାକୁ —
ତା' ମୋ ଜନ୍ମିତ ଖଙ୍ଗର ଶବ !

ଆ', ତୁ ସ୍ୱବାର ନ ହେଲେ ମୁଁ ହିରେ
ଅଂଧ ହୋଇଯିବି
ଆଃ ଲୁଅରେ । ତୋ କୁତ୍ସିତ ମତ୍ସ୍ୟଗଂଧା
ସଶ୍ରେବତଂକ ଜଳମୀ ବନରେ ॥

Digitized by PPRACHIN, SOA

ଦୋଳ

କାଂଧରେ ହାତ ଛଂଦ
ତମେ ଝୁଲି ପଡ଼ିଲ ବେଳେ
ରଜବତୀ ମାଟିର ବାସ୍ନାରେ
ଛିହ୍ନର ଉଠେ ଦ' ପାଦର ପୃଥ୍ୱୀ
ଆଂଗୁଳେ ବାଙ୍କ ରହେ
ଛୁଇଁବାକୁ ଆକାଶ । ପବନର
ଖରଶ୍ୱାସରେ ତମେ ନହ୍ନକ ପତ
ତଳକୁ । କେତେବେଳେ
ଲାଲ ଟୁକୁଟୁକୁ ଚାନ୍ଦୁଲା ଫଳଟିଏ ଝରେ
ଛିଣ୍ଡି ପଡ଼ିବ ଡେଂଫରୁ — ଏଇ,

ଭୟରେ ପବନକୁ ତାଗିଦ୍ କରେ
ରୁହ । ଦୁଷ୍ଟାମି କରିବ ତ
ଆମ ଦେହର ସଂଧିମାନଂକରେ
ଯାକ ରଖିବୁ ଅଂତତଃ ଘଂଟାଏ !

Digitized by PPRACHIN, SOA

ନାଟକ

ପାଖରେ ଥିଲେ
ମୁଁ , ନଖଇ ଦିଅ
ମଥାରୁ ସିଂଦୂର ।
କରଛଡ଼ା ହେଲେ ପୁଣି
ନାନାମତେ ବେଶ ହୁଅ ,
ତାଙ୍କ ରଖ ଲୋଭନୀୟ
ଲୁଗୃଛପା ବିଶିଷ୍ଟ ସଂସାର !

ପାଖରେ ଥିଲେ
ମୁଁ, ଅଯତନେ
ଯତ୍ନ ନିଅ , ମଂଜୁଥାଅ ସଦାବେଳେ
ମୋ ଦୁଃଖମାନଙ୍କୁ ।
କରଛଡ଼ା ହେଲେ ପୁଣି
'ହାୟ ହାୟ କ'ଣ କଲି'
ଭାବନାରେ ଝୁଂଟି ଯାଅ ,
ଚଳିତା ଚଉଠ କରି ରଖିଦିଅ
ବିଛଣା ପ୍ରାନ୍ତକୁ ॥

Digitized by PPRACHIN, SOA

ବିଲ୍ୱମଂଗଳ

ଅକାତ କାତ ପାଣିରେ
ଭାସି ଯାଉଥିବା ବେଳେ
'ସମୁଦ୍ରର ମଝିକୁ', ହଠାତ୍
'କୂଳରୁ ଭାସି ଆସିଲା
ସୁନା ଝଣ୍ଟିକା ପରି
ଗୋଟେ ଡଂଗା

ଡଂଗା ନୁହଁ ତ ସାପ !
ଜିଭ ହଲାଇ ଫଁ ଫଁ
ଫୁତ୍କାରରେ କହିଲା
"ମଂଗଳ, ଝବ ପିଠିରେ
ବସିଯାଅ । ପାଣିର
ଅଥଳଢାରେ ତ ମୋ ଘର ।"

Digitized by PPRACHIN, SOA

ପୂର୍ଣ୍ଣାହୁତି

ଏମିତ ଗୁଡ଼େ
ମିଟ୍ଟିମିଟ୍ଟିକା ଅସ୍ଥିରତାର
ପାହୁଲେ ପାଣି
ଭିତରେ କୁଅଡେ
ଲୁଚି ଥାଏ ସଂସାର !
ସଉଁଧ୍ୱନ
ଏ ପଦାକ କହିଲ
ମୋହ ଭାଂଗିଗଲା
ଅକସ୍ମାତ୍ , ଓ ତମ
କୋଳ ଭିତରେ
ଦେଖିଲି
ସମୁଦ୍ର ଗର୍ଜୁଚି !
ନଆଁରେ
ଘିଅ ଢାଳିଲା ପରି
ମୁଁ
ଶାନ୍ତ ହେଇଗଲି !!

Digitized by PPRACHIN, SOA

କଥାମାନ

ଯାଇଛି ପାଇଛି କହୁ
ଭୁଲିଯାଅ ସବୁ କଥା,
ହେପାଜତ୍ ନଅ ନାହିଁ
ସାମାନ୍ୟ ଦେହର ।
ବାଧିକରେ ପଡ଼ିଗଲେ
କିଏ ଅଛୁ ବୁଝିବାକୁ
ତମ ଆମ ଭଲ ମନ୍ଦ
ପିଲାଙ୍କ ଖବର ।
ଏତିକ ମୁଁ ହତଭାଗ୍ୟ,
ସବୁବେଳେ ବିଦେଶରେ ।
କୌଣସିବେଳେ କହିଁ କଥା !
ଜଗି ରଖି ଚଳ ଭଲ
ଖରା ବର୍ଷା ସୁଆଡ ଓ ବାଘ ପର.
ମାଘ ଶୀତ, ଅଶିଣ କାକର ।
ଯାଇଛି ପାଇଛି କହି
ଝିଙ୍କି ଆଉ କର ନାହିଁ
କଥା ମାନ,
ତମ ସୁନା ଦେହ ।
ଆମ ପାଖେ ଆମେ ବଡ଼,
ଆମେ ଆମ ଅଧିକାରୀ ।
କାହାଠାରେ ତମର ଏ
ତୁଚ୍ଛ୍ୟୁପ୍ ହେଲେ ?

Digitized by PPRACHIN, SOA

ଉତ୍ତୀର୍ଣ୍ଣ

ଆଭରଣହୀନ
ତମ ଦେହଟାକୁ
ପାଇଗଲେ ହାତ ପାଆଂତାରେ
ଆଉ ଥରେ ଜନ୍ମ ନିଏ
ମୋ ସଂଭ୍ରମ, ଶାଳୀନତା, କୁଳୀନ ବେଶର ।
ତମେ ବୋଧେ ଜାଣ ନାହିଁ
ମୋ ଭିତର ନିବୋଧତା ?
ଶ୍ରେଷ୍ଠ ଏକ ନଈ ହୋଇ
ବହୁଥାଏ କେଉଁପରି
ତମ ଦେହ ବାନ୍ଧର ଭିତର !

ଆଭରଣହୀନ ତମ
ଦେହଟାକୁ ପାଇଗଲେ
ଧରି ନିଏ ପାଇଗଲି
ମନ୍ତ୍ର ବଡ଼ ଭୁଲ୍ ଏକ
ଲଂଘିବାକୁ ଜହ୍ନରାତି,
ଦୁସ୍ତର ଅଂଧାର ॥

Digitized by PPRACHIN, SOA

ଅନଦ୍ୟ

ତମେ
ଆଂଜୁଳା
ପାତ ହଅ ।
ମୋ ପାଂଡୁର
ମୁହଁ
ଢାଂକ ରଖେ
କଛୁ ସମୟ
ତା' ଭିତରେ ।

ଆଂଜୁଳା ଖୋଲ୍
ଦବ ତ
ଅଜସ୍ର ରକ୍ତ ଜବାରେ
ଶିହର ଯିବ
ସୂର୍ଯ୍ୟ ! ପଂଡ଼
ହୋଇଯିବ
ପ୍ରାର୍ଥନା ॥

Digitized by PPRACHIN, SOA

ବିଚ୍ଛେଦ

ମୁଁ ଦେଖିଲି ଚଉଦିଗେ
ଫୁଲ ଫୁଟି ଲହକ ଧରୁଛି ।
ଏବଂ ସେଇ ଡାଳେ ଡାଳେ
ପବନର କାଂଦଣା ଶୁଭୁଛି ॥

ମୁଁ ଭାବିଲି ଝରିବେଳେ
ଝିଅ କା'ର ବଡ଼ା ହେଇଗଲା !
ଫୁଲର ପେଂଥାରୁ ଏକ
ସଜ ଫୁଲ ଝରି କି ପଡ଼ିଲା ?

ଏକାକୀ ଲାଗିଲା ମତେ
ଅନେକ ମୁଁ ବେଦନା ପାଇଲି ।
ନଈଛିଆ ଖରାବେଳେ
ପବନର କାଂଦଣାରେ
ମୋ ବେଦନା ସ୍ୱର ମିଳାଇଲି ।

Digitized by PPRACHIN, SOA

ଅ ପ ବା ଦ

ହଠାତ୍ ଦେଖା
ହୋଇଯିବା ମୁହୂର୍ତ୍ତର
ଟିପ ଚିହ୍ନରେ
ଶିହରି ଗଲେ ତମେ
ସ୍ମୃତି ପାଲଟି ଯାଏ
ବର୍ତ୍ତମାନ । ଅପବାଦର
ଆକାଶ ଛୁଡ଼ା

ଗୁଡ଼ିଟି ପରି
ମୁଁ ଉଡିଯାଏ ଊର୍ଦ୍ଧ୍ବକୁ,
ସଂପର୍କର ବାହୁ ବନ୍ଧରୁ
ଅନନ୍ତ ଗହ୍ବରକୁ !

କୌଣସି କୁଂଠିତ
ଅନୁଭବର ଭୌଗୋଳିକତାକୁ
ଝୁଂଟି ପଡ଼ିବାଇଁ
ଆମ୍ଭର ମୁକ୍ତ, ମୁହୂର୍ତ୍ତଟିର
ଟିପ ଚିହ୍ନରେ
ଅପବାଦର ଆକାଶ ॥

Digitized by PPRACHIN, SOA

ଖ ବ ର

ଜାଣିବ କେଉଁ ଦିନ ହେଲା
ମୁଁ ଖାଏ୍ ମଥାରେ ଗୁଲୁଚ ।
ଜଣ୍ଡା ଭଲ ଲଗିଚ ତମେ
ପାଦ ଦି'ଟାରେ
ଯଉଁ ଦିନୁ ।

ଜାଣିବ କେଉଁ ଦିନ ହେଲା
ଆଖିକୁ ଜମା ନିଦ ନାହିଁ ।
ତମ ଆଖିର ଭାଷା
ମୋ ଆଖି ଯୋଡାକୁ
ଫାଶି ଥଂଟରେ
ଖୋଲି ଖାଇଚ ଯେବେଠୁଁ ।

ଜାଣିବ କେଉଁ ଦିନ ହେଲା
ଗୋଟାପଣେ ଶୂନ୍ୟତା-ପୂର୍ଣ୍ଣତା !
ପେଟରେ ପେଟେ ଭୋକ ଦେଇ
ଯେବେ କହିଲ—ମୁଁ ତମର
ଭୋକ, ଶୋଷ, ସବୁ କିଛି ॥

Digitized by PPRACHIN, SOA

ପୁନର୍ଗମନ

ବାରଂବାର ଯିବା ମନା । ବାରଂବାର ।
ବାରଂବାର ଯିବାକୁହିଁ ମନା ।
ଅଥଚ ମୁଁ ବାରଂବାର ଯାଏ, ଆସେ
ଆସେ ଏବଂ ଯାଏ । ଯେମିତି କି
ମୋ ରକ୍ତକୁ ବାଟ କାଢ଼ି ନେଇଯାଏ
କିଏ ଜଣେ ! ସ୍ପଷ୍ଟ ଆଲୋକରେ ।
ମୁଁ ଅଥଚ ଜାଣେ ନାହିଁ
କେଉଁପରି ଯାଏ ଏବଂ ଫେରେ ଅଂଧାରରେ ।

ବଳ୍କ ଫେରିଲାବେଳେ
ଅଂଧାରରେ ଭେଟେ ମୋର ଫେରଂତା ସ୍ପୃହାକୁ,
ଭେଟେ ମୋର ପରିଚିତ
ଗ୍ରୁଘ, ବଣଖୁଂଟ, ଚଟିଘର, ଝରିଲ ଫୁଲକୁ,
ଏପରିକି ଭେଟେ ମୋର
ଗୃହପଟେ ଘୂରୁଥିବା
ସଂଦେହର ବାଦୁଡ଼ିମାନଙ୍କୁ—
ସେମାନେ କି ଥମ ଥମ
ଅଂବଲ ଅଂବଲି ଓଠଂ, ମୋର ଶବ୍ଦରେ ।
ବାଂରବାର ମନା ସତ୍ତ୍ୱେ
ଜାଣେ ନା ମୁଁ କେଉଁପରି
ଫେରୁଅଛୁ ନିଶ୍ଚିତ ନୂଅର ଝପି
ଅଜଣା ସ୍ପୃହାରେ ।
ବାରଂବାର ମନା ହବା
ସତ୍ତ୍ୱେ ଯାଏ । ଫେରେ ନୂଆ ଦଗ୍ଧୀଭୂତ
ସଂକ୍ରଣାର ଜବର କାଂଧେଇ ।

Digitized by PPRACHIN, SOA

ଯେତେବେଳେ ଶୂନ୍‌ସ୍ଥାନ୍ ଭଗ୍ନଂକର ହୃଦ
ଏବଂ ଆକାଶର ଲୁହ ସବୁ
ଏ ପୃଥ୍ୱୀକୁ ପ୍ରେମ ହେଇ
ଆସଇ ଓହ୍ଲାଇ ।।

ତମେ ଯଦ ଦେଖାହୁଅ

ଅନେକ ଦିନ ପରେ ଯଦି କେବେ
ଦଇବାତ୍ ତମ ସାଥେ ଦେଖା ହୋଇ ଯାଏ
କେଉଁ ଏକ ଧାନ କ୍ଷେତ
ଅବା କେଉଁ ଗାଁ କଂଧ ମେଳା ମଝିରେ—
ତମେ ବୋଧେ ପାଖ ଦେଇ ଯିବ କେତେ —
ହୁତ ତେଉଁ ତେଉଁ ଯେମିତି ଚହ୍ନି ନ ମୋତେ
ମୁଁ ବି ତ ଜାଣେ ନାହିଁ ତମକୁ ଠିକଏ !

ତମେ ଯିବ ଏଇ ବାଟେ
ଗଲାଦିନ ସ୍ୱପନର ବୀଜ ବୁଣି ବୁଣି,
ତମେ ଯିବ ଏ ମେଳାରେ ବାଂଟି ବାଂଟି
ଅନ୍ତରର ଅନେକ ଖିଆଲ,
ଅଜାଣତେ କେତେବେଳେ ସେ ଦିନର ଅଳସ ସଂଜରେ
ଲଜରା ଓଠର ମନ୍ତ୍ର ଥୋପି ଥୋପି ବୋଳିଯିବ
ମୋ ମନର ନୀରସ ଭୂଇଁରେ !

ବେଖିଆଲ ମନ ନେଇ ବନ୍ଧୁ ମନ ଏକ ମନେ
କଣ ପୁଣି ଖୁବି ଏକାକାର
ଘରର ଘରଣୀ ସାଜି ଶଂଖା ଚୁଡ଼ି ବ୍ଲାଉଜ, ଶାଢ଼ୀ
ଅଥବା ସିଂଦୂରେ, ମନର ବ୍ୟର୍ଥତା ମାଜି
ନୂଆ ନୂଆଁ ହସ ଆଙ୍କ ହାତର କାଚରେ
ଏ ମେଳାରେ ବୁଝୁଥିବ ଭଲ ଭଲ କଂଢେଇର

Digitized by PPRACHIN, SOA

ଭଲ ଭଲ ମୂଲ ! ଏ ମେଳାରେ ତମ ସାଥେ
ଦେଖା ହେବେ ବନ୍ଧୁ ସାଂଗ ସାଥୀ,
ତମେ ଓ ସେମାନେ କେତେ ଦୁଃଖ ସୁଖ ହବ ।
କିଏ ପଚାରିବ, "ତମେ ବାହା ହେଇ ମା' ହେଲ
ପିଲା ଛୁଆଂକର, ତଥାପି ଚିଠାଉ ଖଂଡେ
ନ ଦେଲ ଯା' — ଆଖି ତମ ବଡ଼ା ହେଇଗଲା !"

ତମେ ବି ହୃଦର ଦବ ଛଳ ଛଳ କାହାଣୀରେ
ପୋଛେ ପୋଛେ ଲୁହ ଖାଲି ଭରି
"ତମେ ଗୋ ବଉଳ କ'ଣ ଆମ କଥା
ଏକବାର ମନୁ ପୋଛୁ ଦେଲ ?"

ଏତେବେଳେ ଏ ମେଳାରେ
ଉହୁ ଉହୁ ଡାକ ଆଉ 'ମଣିଷର ଭିଡେ
ମୁଁ କଂରୁ ଠିଆ ହେଇ ଭାବୁଥିବି
— ଏ ଜୀବନ କେଉଁକି ବିଚିତ୍ର !

Digitized by PPRACHIN, SOA

ବୟସ ଯଦିଓ କମ୍

ବୟସ ଯଦିଓ କମ୍ ତମଠାରୁ ।
କ'ଣ ଯାଏ ଆସେ ? ବୟସର ବ୍ୟବଧାନ
ସମୟର ଦୀର୍ଘ ନିଃଶ୍ୱାସରେ
ବେଳେବେଳେ ଲଂଘିଯାଏ । ଏବଂ ଏପରିକି
ବସଂତର ନାଲ ତୃଷା, ବଉଳ ମହକ ଓ
ନାନାଜାତି ଫୁଲ ମେଳେ ବୟସ କ୍ରମଶଃ
କୁଆଁରିଆ ନଈ ରୂଠେ, ଘଂଚ ଜଂଗଲଟିରେ,
ନେଉଁଠି ବାଘର ଭଡ଼, ଠେକୁଆର ଭିଡ଼ ॥

ବୟସ ଯଦିଓ କମ୍ ! ଦୁଃଖ କ'ଣ ?
ଶ୍ରାବଣର ହେତୁହୀନ କାଂଦ
ସହ ବଗିଚାର ହରରଂଗୀ ଫୁଲ, ଏବଂ
କୃଷ୍ଣ ମେଘ ଦରବୁଢ଼ୀ ପୃଥିବୀ, କିଂବା
ଗଜା ଘାସ ବର୍ଷାର ସଂପର୍କ କ'ଣ ?
ବୟସର ହିସାବ ଖାତାର ଫର୍ଦ
ଚିରିଯାଉ, ଉଡ଼ି ଯାଉ । ଠୁଂଗା ହେଉ ସମୟର

ରଫ୍ ଖାତା । ଯଦିଓ ବୟସ କମ୍ ।
କ୍ଷତି କ'ଣ ? ଦୁଃଖ କ'ଣ ?
ବୟସ ଯଦିଓ କମ୍ । ଲଜ୍ଜା କ'ଣ ?
ଦଗ୍ଧ ବନ, ହୁତାଶର ଗୀତ —
ଏକାଂତରେ ବୋଲିବା ସମ୍ମୁଖ !

Digitized by PPRACHIN, SOA

ଦ୍ୱି ପ୍ରହର ଖରା, ରତ ରଞ୍ଜ ସଂଜର ସିନ୍ଥକୁ
ଫକ୍ କରି ଡେଇଁ ପଡ଼େ । ମହୁଲଣ ସଂଜ
ଘଡର କୋଳକୁ, ଓ ଘଢର ଅଲସ କେଶ
ସାଉଁଟଇ ସଜ ଫୁଲ—କଅଁଳ ସକାଳ
ହସି ଦିଏ ଫିକ୍ କରି । ଲଜ୍ଜା କ'ଣ ? ଦୁଃଖ କ'ଣ
ବୟସ ଯଦିଓ କମ୍ ।

ବୟସ ଯଦିଓ କମ୍ ।
ବୟସର ବ୍ୟବଧାନ
ଦାନିସ୍ନାନ ରୁଗ୍ଣ ଅନ୍ତର
ଅସୁସ୍ଥତା ଛଡ଼ା କ'ଣ ? ଦୁଃଖ କ'ଣ
ଚର୍ଚ୍ଚିତ ମୂର୍ତ୍ତିର ଛବି ? ଫାଂକା ଗୃହିଣୀର
ସୁଂଦର ଦର୍ପଣ ଛଂଦ ! ଅର୍ଥ ତାର
ଅର୍ଥହୀନତାରେ । ବୟସର ବ୍ୟବଧାନ
ଦ୍ୱିଧାସ୍ନାନ, ଶଂକାସ୍ନାନ, ଲଜ୍ଜାସ୍ନାନ
ଗୋଟାଏ ବଂଦୁରେ ॥

Digitized by PPRACHIN, SOA

ମାଛ

ରେ ସୁନା ସକାଳର ମାଛ,
ମୋତେ ଅଉ ପ୍ରଲୋଭିତ
କର ନା ତୋ ଚତ୍ପୁଟ ଚକ୍‌କଣ ଛନ୍ଦ, ଓ
ଲଜୁରୀ ହସର
ଆଶ୍ଚର୍ଯ୍ୟ ଗୃହ୍ଵାଣୀରେ ।
ମୋତେ ଆଉ ଝୁଲଅ ନା
ତୋ ଲୁବ୍ଧଛପା
ଦେହର ଦୋଳରେ ।
ରେ, ମାଛ, ତୁ ତ ଜାଣୁ
ଲଜ୍ଜାହୀନ ଧୈର୍ଯ୍ୟର ସମସ୍ତ
ପିଇ ନଏ ସବୁ ରଂଗ, ଚତୁରଙ୍ଗ
ପାଣିର ଆବେଗ । ତୁ ତ ଧୋଉ
ଧଳା ବଗଂକର
ହଲଚଲ ନ ହବାର
ପଟା ପଟା ରକତର ଦାଗ ।
(ରେ ମାଛ, ଫୁଲେଇ ଗରବିଣୀ
ମାଆର ଢମକୁ ତୁ ବୁଡାଇ ଦେ
କାଚକେଂଦୁ ପାଣିର ଶବ୍ଦରେ ।
ଓ ମୋର ବର୍ଗାକାର ଘୋଙ୍ଘର
ଶବ୍ଦଧ୍ୱନ ପବନ ଓ ଗଜଦଂତ
ପଲଂକ ଉପରେ ବିଛାଇ ଦେ ରେ
ତୋର ରୂପାକାଢ ଦେହର ମାଣିକ୍ୟ)

Digitized by PPRACHIN, SOA

(୫୩)

ରେ ସୁନା ସକାଳର ମାଛ,
ସଂଜ ନ ହେଉଣୁ, ରାତି ନ ପାହୁଣୁ
ଚରବର ପିଂଧିବାକୁ
ନାଲି ନେଳି ଶବ୍‌ଦଂକର ଶାଢୀ
ଏମିତି ଉଚ୍ଛନ୍ନ ତୁ ରେ
ଢାଂକିବାକୁ ରାତିର ସଫେଦ ମୁହଁ
ବିଂଦୁ ବିଂଦୁ ଝାଳର ଚଦରେ !

ତୁ ତ ଜାଣୁ ମୁଁ ସଂଜ ଏବଂ ରାତି ଜଗୁଆଳି ।
ମୋ ଦେହର ପନ୍‌ଝି କାଢେ
ତୋ ଦେହର ରୂପାକାତି
କେମିତି ଗଢରେ ?

ରେ ମାଛ, ମୋତେ ଆଉ
ପ୍ରଲୋଭିତ
କର ନା ରେ
ତୋ ଚହଟ ଚକ୍‌କଣ ଛଇ,
ଲାଜୁରୀ ହସରେ ॥

ଉଚିତ ଅନୁଚିତ

ତମ ଗୁଣ, ନା ନା ମୋ ଗୁଣ —
ହାଲପ କରି କହିବି
ତମେ ସବୁ ନିର୍ଧୂମ ପ୍ରେମ
କରୁଚ । ଯାହାକୁ ଗତାୟୁ କହେ
ଅନୁଚିତ, ବର୍ତ୍ତମାନ କହେ
ଉଚିତ !

ଉଚିତ ଅନୁଚିତକୁ ଫେଂଟି ଦେଲେ
ଧୂମାଭ ଦର୍ଶେ
ପ୍ରେମ । ଅନୁଚିତରୁ ଉଚିତକୁ
କାଟି ନେଲେ
ବେହେଡ଼ା ହୃଦୟରେ ଖସିଯାଏ
ସମସ୍ତ ଉଚିତରେ ଅନୁଚିତକୁ
ଗୁଣି ଦେଲେ
ଗୋଟାଏ ବିଂଦୁରେ ଅସହାୟ ମୃତ୍ୟୁ !

ମୃତ୍ୟୁର ଅବୁଝା ଝୁଂକ୍
ଯାହା ଉଚିତ ତା' ଅଂଧାରିଆ କାଂନ୍ଦ
ଯାହା ଅନୁଚିତ ତା' ସୀମା ସରହଦ୍ଦର
ଆଖି ଠାରରେ ବନ୍ଦୀ ।
ତମେ ପ୍ରେମ କରୁଚ ତ !
ଡେଇଁପଡ ଔଚିତ୍ୟର ପୀଠରୁ ।
କାଂଦ ପାରୁଚ ତ
ମୌନ ରହିଯାଅ
କୋଳାହଳରୁ !
ନିର୍ଧୂମ ପ୍ରେମ କରିବା
କି ମାନେ ଯେ !!

Digitized by PPRACHIN, SOA

ଏ ଣି କି

ବାରଂବାର
        ବାରଂବାର
                ଶପଥ କରୁଛ
ଏଣିକି କୁଆଡେ ଯିବ ନାହିଁ ।
ଏପରିକି ସ୍ୱେଦୁଅ କ୍ଷେତର
ଗୋପନତମ
ଦ୍ରୋହର ସ୍ୱାତଠାରକୁ ।
ଅଗଣାରେ
ଚୂର୍ଣି ହୋଇଥିବା ଗୁଳୁଗୁଳିଆ-
ଜହ୍ନର ପଶଦ୍ରାସମସ୍ତ
କଟାକ୍ଷିକୁ,
ମହୁଲ ଗଂଧରେ
ଫାଟି ପଡୁଥିବା ଜଂଗଲର
ଦୁଷ୍ଟ ସଂବୋଧନକୁ,
ଶପଥ କରୁଛ ଏଣିକି
କୁଆଡ଼େ ଯିବ ନାହିଁ ।
ଖାସ୍ ଡମ ଚୁଲ୍ଲି ଶବ୍ଦରେ
ଅଶବ୍ଦଟିଏ ହୋଇ
ଝୁଲୁଥିବ । ଶବ୍ଦଟିଏ ହୋଇ
ନୀରବତାର ବୋଲକରୁ
ହୁଁ ଟିଏ ହୋଇ

Digitized by PPRACHIN, SOA

ନଜକୁ ଭାଂଗୁଥିବ, ଗଢୁଥିବ ।
ପୁରୁଣା ପୃଥିବୀର ବର୍ଣ୍ଣ
ଦାଂତରେ ଛଡାଟିଏ ଧର
ଏକା ଏକା ଗୋଟେ ଗୋଟେ
ଗୃହଥିବା ହୃଢ ପର
ଲେଉଟୁଥିବ, ଝୁଣ୍ଟୁଥିବ ତମକୁ ।

ଶପଥ କରୁଚ ବାରଂବାର
ଏଣିକି
କୁଆଡେ ଯିବ ନାହିଁ ॥

କାଠ କ୍ୟାବିନ୍‌ରେ
ପାନ ଭାଂଗୁଥିବା
'ଢର୍ଲଟି

କାଠ କ୍ୟାବିନ୍‌ରେ ପାନ ଭାଂଗୁଥିବା ଢର୍ଲାଟି
ଗରାଖ ନ ଥିଲା ବେଳେ କ'ଣ କରେ ?
କିଛି ନା ! ଖୁବ୍ ବେଶିରେ ନଖ କୋଣରୁ
ମଇଳା ଛଡାଏ, ଅଲଗା ବାଳ ସଜାଡ଼େ ? ନା
ଟଗା ଫେର କାନରେ କଂଟି ଆସୁଥିବା ଝାଳ ପୋଛେ
ରେଜା ପଇସାର ଶବ୍ଦକୁ
ମହମ ଭଳି ମାଖେ
ଦୀର୍ଘଶ୍ୱାସର ସୂତାଂଜୀରେ !
ହଁ' ପରେ ଗୁଆକାଢରେ କଟା ଆଂଗୁଳିରୁ
ଚୁଇଁ ଆସୁଥିବା ରକ୍ତ ଖରା ବେଳର ଉଦାସୀ ସୂର୍ଯ୍ୟକୁ
ହୁଏ ତ ପଗ୍ରରେ; ନଦେଇ ଗଲେ ପୃଥିବୀ
ତମେ କ'ଣ କର ? ଯାପେଇ ଗଲେ ସ୍ନେହ

Digitized by PPRACHIN, SOA

କ'ଣ କରେ ପବନ ? ବଂଧୁଟି ଭିତରେ ଯାକଯୁକ୍ତ ହୋଇ
ଲଟେଇ ଖେଳେ ନୀରବତା କ'ଣ କରେ ଶୂନ୍ୟତା ?
ହେଲ ଶୂନ୍ୟତାଈଁ ଉଲ୍‌ଟିର ନିର୍ଜନ ଆହ୍ଲାଦ ।
ହେଲ ! ନିଜ ଭିତରକୁ କୋର ଖାଉଥିବା
ଲାଂଗୁଡ଼ିଆ ମୃଢ଼ ।। ତାର ଗୁଆଜାଢ଼ ।
ହେଲ ନିଜେ ଗୋଟେ କ୍ୟାବିନ୍ - ଯଉଁଠି
ତୃନ ଠେଙ୍କଟିର ଶୀତଳ ନିସ୍ୱପତ୍ର
ଜହ୍ନାଡ଼ରେ ମଂଦା ମଂଦା ଜଂଦା ।
ଯଉଁଠି ଲେଂଗଡ଼ା ବୟସର ମକ୍‌ଗ୍ରୁ ହାଡ଼ରେ
ନିଁଡିଆଁ କତାର ନିଆଁ ଝୁଂଲ
ସଂଦେହର ବୁଲବୁଲ , ଫାଂକା ଦ୍ୱିପ୍ରହର ।।

ବିଜ୍ଞାପନ

ଗୋଡରେ ନୁହଁ ମଥାରେ
ନିଷ୍ଠାରେ ନୁହଁ ନିଶାରେ
ଫ୍ରେମ୍‌ରେ ନୁହଁ ପ୍ରେମରେ
ଗ୍ଲୁଥିବା , ମାଢ଼ଥିବା
କାଂଦୁଣୀ ଝିଅଟିଏ ଦରକାର — ଯେ
ବୟସରେ ଖୁବ୍ କମ୍‌ରେ
ପଢଣି ଚପିଥିବ , କବିତା ଲେଖିଥିବ
ମଦ ପିଉଥିବ , ମୋର ସବୁ ଭୁଲ୍‌କୁ
ବଂଧୁଏ ହସରେ କେବଳ
ଧୋଇ ପାରିବ , ଧରି ପାରିବ !
ଗ୍ରାହ୍ୟ ମୋ ମାଫି ଉଗ୍ର , ଢଣଣ୍ରୁ

Digitized by PPRACHIN, SOA

ପଇଁତିରିଶ୍ କେ: ଜି: ଓଜନ
କଂଙ୍କ୍ରି ଦୁବ ଘାସ ପରି ରେକାଏ ଗଢ଼ଣ
ହୋଇଥିବ , ପାଇଟି କହିଲେ
ଖଟ୍ ତଳର ଝଂକଟକୁ ବୁହିଁ ଥିବ ।
ମୁଁ ରାଗିଲେ—ଅଧା ମୁକୁଳା ଗୁଡ଼ ପିଠି
ଦେଖେଇ 'ମାର ମାର ପିଠ କାଠ' କହି
ଆଖିର ହସରେ କଷ୍ଟୁପ ତରଳ ଯାଉଥିବ !
ନିଜ ଗୋଡରେ ଠିଆ ଠିଆ ଦୌଡୁଥିବା
ଝିଅଟିଏ ଦରକାର । ଝିଂଟି ପଡ଼ୋର୍ଶି ଘ
ଘା' ଶୁଖିଲା ଯାଏ ପାଖରେ ରହୁଥିବ ।
ଶୋଉଥିବ । ଗୀତଟିଏ ଗାଇବାକୁ କହିଲେ
ଢକେ ମଞ୍ଚ ଭର୍ତ୍ତି ଗ୍ଲାସଟିଏ ହୋଇ
ଗୋଟାଏ ଢୋକରେ , ଓଠରେ
ଶେଷ ହୋଇଯିବ ।
ପ୍ରତାରଣାକୁ ଡରୁଥିବା ଝିଅଟିଏ
ଯଦି ଦରଖାସ୍ତ କରେ ??

ଅପ୍ରାସଂଗିକ

ବହୁବାର ସ୍ୱପ୍ନଟି
ଏମିତି ଦେଖା ହେଲେ
ମନଇଚ୍ଛା ଗାଳିଦେବି , ଉଚ୍ଚାରିବି
ଚଉଦ ପୁରୁଷ ତମ ବିଶୁଦ୍ଧ ଭାଷାରେ ।
ମାତ୍ର ଯାଇ ସାମ୍ନା ହେଲେ ସବୁ କ୍ରୋଧ,
ସବୁ ରୋଷ ଲୁହ ବିନ୍ଦୁମାନ ହୋଇ
ଝରି ପଡେ ତମ ଦୁଇ ଆଖିର ଭିତରେ ।
କାହିଁକି ଏମିତି ହୁଏ ? ଯେତେ ଭାବିଲେ ବି

ଭାବନାରେ ଥମିଯାଏ । ଅସ୍ତିତ୍ୱ ତମର
କ୍ରମଶଃ ତରଳି ଯେବେ ନୂଆ ରୂପ—
କିଛି ତାଜା ସଂହଣାର , ବର୍ଣ୍ଣ ଶଙ୍କର ,
ପର୍ଦ୍ଦିଟିଏ କଥା ଆଉ ପଇଟେନ
ଯେମିତିକି କେଉଁ କାଳୁ
ଘାଲିଛିଟି ଝାଂଗର , ପଥର ॥

ବହୁବାର ସ୍ୱପ୍ନଟି ଏମିତି ଦେଖା ହେଲେ
ଆଲିଂଗନ ବାହାନାରେ ଚିରସ୍ଥିର ଦେହ ଗୋଟା
ଛିନ୍ ଭିନ୍ କରି ଦେବି । ରକ୍ତ ଯଦି ଠାଏ ଠାଏ
ଚୁଇଁ ଆସେ ଶୋଷି ନେବି ଚୁମ୍ବନ୍-ଛଳରେ ।
ଲୁଗାପଟା ବଦଳାଇ ପଳାଇବି ବାହାରକୁ
ଆଉ କାହା ସହ ଭେଟ ହବା ମସୁଧାରେ !
ମାତ୍ର ତମେ ହାଣ୍ଡି ପରି ମୁହଁ କରି
ଅଳ୍ପ ହସ ଝଲକ ଖେଳାଇ , କୁହ ଯେବେ—

Digitized by PPRACHIN, SOA

“ଶୁଣ ଶୁଣ , ଦେହ ମୋର ଭଲ ନାହିଁ, କୁଆଡେ
ଯାଉଚ ଏବେ ? ବର୍ଷା ପାଣି କାଦୁଅ ପଂକରେ ।
ଗଂଡେ କଣ୍ଟ ଖାଇ ଯାଅ , ଗଲେ ଯିବ , ଫେରିବ
ନିଶ୍ଚିତ ଜାଣ ସତ ନଅ ଦଅଣ ଭିତରେ ।”
କ’ଣ କରୁଛ ଆଜ ? କାଠଗଡ଼ ପରି ସ୍ତମ୍ଭେ
ବନ୍ଧଣାରେ ପଡଯାଏ । ତମେ ମୋର ହାତ ଗୋଡ଼
ଚିପି ଦିଅ , ମଥା ଘାଉଁଲାଅ । ଶରଧାର ଗୁମୁ ଗୁଣୁ
ସ୍ୱର ଶୁଣେ କଉଁ ଦନ ତମର ଏ ପିଲା ବୁଝି
ଯିବ ସତେ ! ମତେ ଛାଡ଼ି ଏକା ଏକା କେମିତି ଯେ ରୁହ ?’
ଉତ୍ତରରେ ଚୁମା ଖାଇ ଚୁପ୍ କରା କହୁ ଦିଏ
ଗୁରୁ ଦଦ୍ୟା — ବୃକ୍ଷ ଓ ବାଲୁନ୍ତ ପରି ତମ ପାଖେ
କାଲେ କାଲେ ଏଇମିତି ଅଙ୍ଗୁଟିଆ, ଅଜବ, ସୁଂଦର ।
ଷଡ଼ଋତୁମାନଂକର ନାଚ ଗୀତ ଲୁଷାଲୁଷି ପାଖାପାଖି ହେଲେ
ସୂର୍ଯ୍ୟଚଂଦ୍ର ଭୁଲି ଯାଂଛ ଈଶ୍ୱରଂକ ହରେକ ହୁଂଦର ॥

Digitized by PPRACHIN, SOA

କ୍ଷମାମୟୀ

ଯେତେ ଥର ମୁଁ ତମକୁ
ଧରି ମାରି ଜୁଡୁବୁଡୁ କରିଚି ରକ୍ତରେ
ସେତେ ଥର ତମେ ମତେ
ଟେକି ଧରି ଚୁମା ଖାଅ ପରମ କ୍ରୋଧରେ !

ଯେତେ ଥର ମୁଁ ତମକୁ
ଆଳ କରି ଅନ୍ୟ ଆଡେ ଖୋଜିଚି ନିଜକୁ,
ସେତେ ବାର ତମେ ମିତେ
କୋଳକରି ଫିଂଗି ଦିଅ କ୍ଷମାର ସ୍ନେହକୁ ।

ଯେତେ ଥର ମୁଁ ତମକୁ
ଭୁଲ୍ ବୁଝି ନିଜ ଭୁଲ୍ ଦେଖିଛି ତମଠି,
ସେତେ ଥର ଠିକ୍ ବାଟ ଦେଖାଇଚ
ନିଜ ଭୁଲ୍ ପାଖରେ ଅଟକି ।

ଯେତେ ଥର ମୁଁ ତମକୁ
ନାନାମତେ ଦୋଷୀ କରେ
ତମ ହୃଦି ପଣକୁ ଦେଖେଇ,
ସେତେ ଥର କ୍ଷମା କର, କ୍ଷମାମୟୀ !
ମୋ ଧୈର୍ଯ୍ୟର ଆତୁରତା ତମ ସ୍ନିଗ୍ଧ ବାହୁରେ ଜଡାଇ ।

ଏଇମିତି ଜନ୍ମ ଜନ୍ମ ସାତ ଜନ୍ମ ଧରି
ତମେ ମୋତେ କ୍ଷମା କର ମୋ ଆୟୁଷ
ସବୁତକ ନେଇ । ମୋ ଭଳି ଅପରାଧ
ତମଠାରୁ ତମଛଡା କ୍ଷମା ଫେରିମା କାହା ଲୋଡେ ଭାଇ ।

Digitized by PPRACHIN, SOA

ମହାକାଳୀ

ତୁମକୁ ପାଇଲେ ମାତେ
ଭୁଲିଯାଏ ମୋର ଅତୀତ ।
ଯେଉଁପରି ବର୍ତ୍ତମାନ
ଭୁଲିଥାଏ ଭୂତ, ଭବିଷ୍ୟତ ॥

ତୁମକୁ ଛୁଇଁଲେ ମାତେ
ବର୍ତ୍ତମାନ ହୋଇଯାଅ ତମେ ।
ଯେପରି କି ନିତ୍ୟ ରୂପୀ
ଆତ୍ମା ଏଠି ଭ୍ରମେ ॥

ଗୋଟିଏ ବିନ୍ଦୁରେ ସ୍ଥିର
ମହାକାଳ ଶିବ ।
ତମେ ସୃଷ୍ଟି ସଂହରିଙ୍କ
କରୁଥାଅ, ମହେଶ୍ୱରୀ !
ମହାକାଳୀ ରୂପେ ଅବତର ॥

Digitized by PPRACHIN, SOA